ବର୍ଷ-୨୬, ସଂଖ୍ୟା-୨୪୬
ଭୁବନେଶ୍ୱର
ସେପ୍ଟେମ୍ବର, ୧୧, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 246
Bhubaneswar
September, 11, 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡ଼ିଶାକୁ ଆସିବ ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପ



ଭୁବନେଶ୍ୱର,୧୦।୯: ଓଡ଼ିଶାରେ ଶିଳ୍ପାୟନ ଓ ଅର୍ଥନୈତିକ ବିକାଶକୁ ନୂଆ ଗତି ଦେବାକୁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତ ସମୟରେ ଦୁବାଇରେ ଆୟୋଜିତ ହୋଇଛି ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡଟେବୁଲ୍ ବୈଠକ । ଓଡ଼ିଶାରେ ଷ୍ଟେନଲେସ୍ ଷ୍ଟିଲ୍ ଡାଉନଷ୍ଟ୍ରିମ୍ ଶିଳ୍ପରେ ନିବେଶ ପାଇଁ ବିଦେଶୀ ଶିଳ୍ପପତିଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ ଦୁବାଇରେ ହୋଇଥିବା ଏହି ବୈଠକରେ ପିଜିଆଇ ଗ୍ରୁପ୍, ଏମଟିସି ଗ୍ରୁପ୍, ହିଦାୟତ ଗ୍ରୁପ୍, ଖୁରା ଗ୍ରୁପ୍ ଏବଂ ପିଟିସିଏଲ୍ ଇନ୍‌ଫ୍ରା ଭଳି ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି ସାମିଲ ହୋଇଥିଲେ । ବୈଠକରେ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା ଓ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା ହୋଇଥିଲା ।

ପ୍ରାକୃତିକ ସମ୍ପଦର ଉପଯୋଗ ସହ ରାଜ୍ୟରେ ଅଧିକ ମୂଲ୍ୟ ସଂଯୋଜନ କରିବା ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ଶିଳ୍ପପତିଙ୍କୁ ଅବଗତ କରାଇଥିଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା ଓ ନିବେଶ ଅନୁକୂଳ ପରିବେଶର ଶକ୍ତିଶାଳୀ ସମନ୍ୱୟ ରହିଛି ବୋଲି ସେ କହିଛନ୍ତି। ଶିଳ୍ପ ବିକାଶ ଓ ମୂଲ୍ୟ ସଂଯୋଜନର ଏହି ଯାତ୍ରାରେ ସମସ୍ତଙ୍କୁ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଓ ରାଜ୍ୟର ନିବେଶ ନୀତିକୁ ବିଦେଶୀ ଶିଳ୍ପପତିମାନେ ପ୍ରଶଂସା କରିଛନ୍ତି । ଓଡ଼ିଶାରେ ନିବେଶର ସମ୍ଭାବନା ଅନୁଧ୍ୟାନ କରିବାକୁ ଶିଳ୍ପପତିମାନେ ଆଗ୍ରହ ପ୍ରକାଶ କରିବା ସହ ଆଗାମୀ ଦିନରେ ରାଜ୍ୟର ସୁଯୋଗକୁ ପରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ୟୁଏଇର ଅର୍ଥନୀତି ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ୍ ଅଲ୍ ମାରିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶା ଓ ୟୁଏଇ ମଧ୍ୟରେ ଅର୍ଥନୈତିକ ଓ ନିବେଶ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ନୂଆ ନିବେଶ ସୁଯୋଗ ସୃଷ୍ଟି ନେଇ ଆଲୋଚନା ହୋଇଛି । ଏଥିସହ ଓଡ଼ିଶାର ଅନୁକୂଳ ବ୍ୟବସାୟିକ ପରିବେଶ, ଶକ୍ତିଶାଳୀ ଶିଳ୍ପ ଭିତ୍ତିଭୂମି ଓ ବିଭିନ୍ନ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ୟୁଏଇ ନିବେଶକଙ୍କୁ ଅବଗତ କରାଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ନିବେଶ ପାଇଁ ୟୁଏଇର ଶିଳ୍ପପତିଙ୍କୁ ଆମନ୍ତ୍ରଣ ମଧ୍ୟ ଜଣାଇଛନ୍ତି ।

## ଓଡିଶାରୁ ଶିଶୁ ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ ପ୍ରକାଶ

ଦୁବାଇ/ଭୁବନେଶ୍ୱର୧୧।୯(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ପାଞ୍ଚଟି ଶିଶୁ ଓରାଙ୍ଗଉଟାନ ଉଦ୍ଧାର ହେବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ସହିତ, ଏହି ପ୍ରାଣୀମାନେ କେଉଁ ପରିସ୍ଥିତିରେ ଓଡ଼ିଶାରେ ପହଞ୍ଚିଲେ, ସେ ସମ୍ପର୍କରେ ସବିଶେଷ ତଦନ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଦୁବାଇରେ ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମରେ ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଘଟଣାକ୍ରମ ସମ୍ପର୍କରେ ନିରନ୍ତର ଅବଗତ ରହିଛନ୍ତି ଏବଂ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ପ୍ରାଣୀ ଗୁଡିକ ବାଲେଶ୍ୱର ଜିଲ୍ଲାକୁ ଆସିଲେ ଏବଂ ଏହା ପଛରେ କ'ଣ ପୃଷ୍ଠଭୂମି ରହିଛି, ତାକୁ ସ୍ପଷ୍ଟ କରିବା ପାଇଁ, ସେ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଅବୈଧ ଚାଲଣ ପାଇଁ ଓଡ଼ିଶା କେବେହେଲେ ଏକ ଟ୍ରାଞ୍ଜିଟ୍ ପଥ ହେବାକୁ ଦିଆଯିବ ନାହିଁ, ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଏହି ବେଆଇନ ପରିବହନରେ କୌଣସି ନେଟୱାର୍କ ସମ୍ପୃକ୍ତ ଥିଲେ, ତାହାକୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।ଏହି ବିରଳ ପ୍ରଜାତିର ପ୍ରାଣୀ ଗୁଡିକ କେଉଁ ମାର୍ଗ ଦେଇ ଓଡ଼ିଶାକୁ ଅଣାଯାଇଥିଲା, ସେମାନେ କିପରି ରାଜ୍ୟରେ ପ୍ରବେଶ କଲେ, ସେମାନଙ୍କ ପରିବହନରେ କିଏ ସମ୍ପୃକ୍ତ ଥିଲେ ଏବଂ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଅଣାଯାଉଥିଲା, ଏସବୁ ଦିଗ ସ୍ପଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।ଏହି ପରିପ୍ରେକ୍ଷୀରେ, ଭାରତ ସରକାରଙ୍କ ସମ୍ପୃକ୍ତ କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରଖି ଏହି ମାମଲାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଜାରି ରହିଥିବା ସମୟରେ ଉଦ୍ଧାର ହୋଇଥିବା ଓରାଙ୍ଗଉଟାନଗୁଡ଼ିକୁ ପ୍ରଚଳିତ ବନ୍ୟପ୍ରାଣୀ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଉପଯୁକ୍ତ ଚିକିତ୍ସା ସେବା, ସୁରକ୍ଷା ଓ ଆବଶ୍ୟକ ଯତ୍ନ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ୩୦ବର୍ଷ ପାଇଁ ପାରାଦୀପ ବନ୍ଦରର ୨ ବର୍ଥର ପରିଚାଳନା ଦାୟିତ୍ୱ ନେଲା ଆଦାନୀ ଗ୍ରୁପ୍

ନୂଆଦିଲ୍ଲୀ,୧୧।୯(ମହାଭାରତ): ଆଗାମୀ ୩୦ବର୍ଷ ପାଇଁ ଦେଶର ଦ୍ୱିତୀୟ ସର୍ବବୃହତ୍ ପାରାଦୀପ ବନ୍ଦରର ୨ଟି ବର୍ଥର ପରିଚାଳନା ଦାୟିତ୍ୱ ନେଇଛି ଆଦାନୀ ଗ୍ରୁପ୍। ବିଡିଂ ପ୍ରକ୍ରିୟାରେ ସର୍ବାଧିକ ବିଡିଂଧାରୀ ଭାବେ ଉଭା ହୋଇ ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକୋନୋମିକ ଜୋନ୍ ପାରାଦ୍ୱୀପ ବନ୍ଦରର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଡ୍ରାଏ-ବଲକ୍ ବର୍ଥ 'ସିକ୍ୟୁ-୧' ଓ 'ସିକ୍ୟୁ-୨'ର ବିକାଶ ତଥା ପରିଚାଳନା ପାଇଁ ଲେଟର ଅଫ୍ ଆୱାର୍ଡ ହାସଲ କରିଛି। ଏହି ଦୀର୍ଘମିଆଦୀ ଚୁକ୍ତି ଫଳରେ ବନ୍ଦର ନଗରୀ ପାରାଦୀପରେ ଆଦାନୀ ଗ୍ରୁପର ସିଧାସଳଖ ଏଣ୍ଟ୍ରି ହୋଇଛି।



ପ୍ରାୟ ୯୮୨ କୋଟି ଟଙ୍କା (୧୦୩ ନିୟୁତ ଡଲାର) ବ୍ୟୟ ଅଟକଳରେ ଏହି ମେଗା ପ୍ରକଳ୍ପଟି ପିପିପି ମୋଡରେ ବିଲ୍ଡ-ଅପରେଟ୍-ଟ୍ରାନ୍ସଫର (ବିଓଟି) ମଡେଲରେ କାର୍ଯ୍ୟକାରୀ ହେବ। ଏହି ଦୁଇଟି ବର୍ଥର ମୋଟ ଦୈର୍ଘ୍ୟ ପ୍ରାୟ ୪୮୫ ମିଟର ରହିବ ଓ ଏହାକୁ ଏକ କମନ୍-ୟୁଜର ଫାସିଲିଟି ଭାବେ ବିକଶିତ କରାଯିବ। ଏଠାରେ ସମ୍ପୂର୍ଣ୍ଣ ମେକାନାଇଜଡ୍ କାର୍ଗୋ ହ୍ୟାଣ୍ଡଲିଂ ସିଷ୍ଟମ ସହିତ ଗଭୀର ଡ୍ରାଫ୍ଟ ଥିବା ବିଶାଳ ଜାହାଜ ଲାଗିବା ଓ ବିପୁଳ ପରିମାଣର ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ଅତ୍ୟାଧୁନିକ ଷ୍ଟୋରେଜ୍ ଭିତ୍ତିଭୂମି ସ୍ଥାପନ କରାଯିବ ବୋଲି ଜଣାପଡିଛି।

ଏହି ଦୁଇଟି ବର୍ଥ କାର୍ଯ୍ୟକ୍ଷମ ହେବାପରେ ବାର୍ଷିକ ୧୮ ନିୟୁତ ଟନ୍ ବିଶିଷ୍ଟ ମାଲ ପରିବହନ କ୍ଷମତା ସୃଷ୍ଟି ହୋଇପାରିବ। ଏହାଫଳରେ ସମଗ୍ର ଭାରତରେ ଆଦାନୀ ପୋର୍ଟସର ମୋଟ ବାର୍ଷିକ କାର୍ଗୋ ନିୟନ୍ତ୍ରଣ କ୍ଷମତା ୬୫୩ ନିୟୁତ ଟନରୁ ବୃଦ୍ଧି ପାଇ ୬୭୧ ନିୟୁତ ଟନରେ ପହଂଚିଯିବ। ଓଡିଶା ତଥା ଏହାର ଆଖପାଖ ରାଜ୍ୟଗୁଡିକର କୋଇଲା, ଲୁହାପଥର, ଚୂନପଥର ଓ ଇସ୍ପାତ ଶିଳ୍ପର କଂଚାମାଲ ପରିବହନରେ ଏହି ବର୍ଥ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ।

ଆଦାନୀ ଗ୍ରୁପ୍ ପୂର୍ବରୁ ହଳଦିଆ, ଧାମରା, ଗୋପାଳପୁର ଓ ଗଙ୍ଗାଭରମ ବନ୍ଦରରେ ପ୍ରାୟ ୧୪୦ ନିୟୁତ ଟନର ବାର୍ଷିକ ପରିବହନ କ୍ଷମତା ହାସଲ କରିସାରିଛି। ଏବେ ପାରାଦ୍ୱୀପ ସାମିଲ ହେବା ପରେ ଦେଶବ୍ୟାପୀ କମ୍ପାନୀର ମୋଟ ବନ୍ଦର ଓ ଟର୍ମିନାଲ ସଂଖ୍ୟା ୧୬ରେ ପହଂଚିଛି। ପାରାଦୀପ ବନ୍ଦର ୨୦୨୫-୨୬ ଆର୍ଥିକ ବର୍ଷରେ ୧୫୬.୪୫ ନିୟୁତ ଟନ୍ କାର୍ଗୋ ନିୟନ୍ତ୍ରଣ କରି ବାର୍ଷିକ ଭିତ୍ତିରେ ୪ ପ୍ରତିଶତ ଅଭିବୃଦ୍ଧି ସହ ଦେଶର ଦ୍ୱିତୀୟ ସର୍ବବୃହତ୍ ବନ୍ଦରର ମାନ୍ୟତା ବଜାୟ ରଖିଛି। ବନ୍ଦର ନିଜର ମୋଟ୍ କ୍ଷମତାକୁ ୩୦୦ନିୟୁତ ଟନ୍ କରିବା ପାଇଁ ଆଧୁନିକୀକରଣ କାର୍ଯ୍ୟ ଜାରି ରଖିଛି।

# ଆଇଆରସିଟିସି ସ୍କାମ: ଲାଲୁ ଓ ପରିବାର ସଦସ୍ୟଙ୍କୁ କୋର୍ଟ ଝଟ୍‌କା

ନୂଆଦିଲ୍ଲୀ,୧୦।୯: ପୂର୍ବତନ ରେଳ ମନ୍ତ୍ରୀ ଲାଲୁ ଯାଦବଙ୍କ ସମେତ ତାଙ୍କ ପୁଅ ତେଜସ୍ୱୀ ଯାଦବ, ପତ୍ନୀ ରାବ୍ରୀ ଦେବୀ ଓ ଅନ୍ୟ ୪ ଜଣଙ୍କ ବିରୋଧରେ ଚାର୍ଜ ଫ୍ରେମ ହେବ। ୨ଟି ଆଇଆରସିଟିସି ହୋଟେଲ ଆବଣ୍ଟନରେ ହୋଇଥିବା ଅନିୟମିତତା ଅଭିଯୋଗ ଘଟଣାରେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି।ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗନେ କହିଛନ୍ତି, "କିଛି ସନ୍ଦେହଜନକ ଚୁକ୍ତି ସମସ୍ତଙ୍କ ସାମ୍ନାରେ ହିଁ ହୋଇଥାଏ। ଅଭିଯୁକ୍ତ ପରିବାର(ଲାଲୁ ଯାଦବଙ୍କ ପରିବାର) ସଦସ୍ୟଙ୍କ ନାଁରେ ଅପରାଧରୁ ଅର୍ଥ ମିଳିଥିବା ଓ ଏହାର ଫାଇଦା ନିଆଯାଇଥିବା ଉଠା ଯାଇଥିବା ନେଇ ଦୃଢ଼ ସନ୍ଦେହ ରହିଛି।"ରାଜନୀତିକ ପ୍ରତିଶୋଧ ପାଇଁ ତଦନ୍ତ କରାଯାଇଥିବା ଯାଦବ ପରିବାରର ଯୁକ୍ତିକୁ ବି କୋର୍ଟ ଖାରଜ କରିଛନ୍ତି। ତଦନ୍ତର ପ୍ରକୃତି, ସମୟ ଓ ଏହାର ଗତିବିଧି ରାଜନୀତିକ ପ୍ରତିଶୋଧର ଯୁକ୍ତିକୁ ସମର୍ଥନ କରୁ ନଥିବା କୋର୍ଟ କହିଛନ୍ତି।



ଏହି ମାମଲାରେ ମୋଟ ୯ ଜଣ ଅଭିଯୁକ୍ତ ରହିଛନ୍ତି। ସେମାନେ ହେଲେ- ଲାଲୁ ପ୍ରସାଦ, ରାବ୍ରୀ ଦେବୀ, ତେଜସ୍ୱୀ ଯାଦବ, ଲାଲୁଙ୍କ ଘନିଷ୍ଠ ସହଯୋଗୀ ପ୍ରେମ ଚାନ୍ଦ ଗୁପ୍ତା ଓ ତାଙ୍କ ପତ୍ନୀ ସରଳା ଗୁପ୍ତା, ସୁଜାତା ହୋଟେଲ୍ସର ନିର୍ଦ୍ଦେଶକ ବିନୟ ଓ ବିଜୟ କୋଚ୍‌ଚର, ଲାରା ପ୍ରୋଜେକ୍ଟସ୍ ଓ ସୁଜାତା ହୋଟେଲ୍ସ।

ତେବେ କୋର୍ଟ ଏହି ମାମଲାରୁ ୭ ଜଣ ଅଭିଯୁକ୍ତଙ୍କୁ ମୁକ୍ତ କରିଛନ୍ତି। ସେମାନେ ହେଲେ ଲାଲୁ ପ୍ରସାଦଙ୍କ ଜ୍ୱାଇଁ ରାହୁଲ ଯାଦବ, ଗୌରବ ଗୁପ୍ତା, ନାଥ ମଲ କାଙ୍କରିଆ, ବିଜୟ ତ୍ରିପାଠୀ, ଦେବକୀ ନନ୍ଦନ ତୁଲସ୍ୟାନ, ରାଜୀବ ରେଲାନ ଓ ଅଭିଷେକ ଫାଇନାନ୍ସ ପ୍ରାଇଭେଟ ଲିମିଟେଡ୍।

୨୦୦୪ରୁ ୨୦୦୯ ମଧ୍ୟରେ ଘଟିଥିବା ଅନିୟମିତତା ସହ ଏହି ମାମଲା ଜଡିତ। ଏହି ସମୟରେ ଲାଲୁ ପ୍ରସାଦ ଯାଦବ ୟୁପିଏ ସରକାରରେ ରେଳ ମନ୍ତ୍ରୀ ଥିଲେ। ସିବିଆଇର ଅଭିଯୋଗ ଅନୁସାରେ, ରେଳବାଇର ରାଞ୍ଚି ଓ ପୁରୀ ବିଏନଆର ହୋଟେଲ୍‌ର ରକ୍ଷଣାବେକ୍ଷଣ ଚୁକ୍ତି ନିୟମ ଉଲ୍ଲଂଘନ କରି ସୁଜାତା ହୋଟେଲ୍ସକୁ ଦିଆଯାଇଥିଲା।ବିନୟ ଓ ବିଜୟ କୋଚ୍‌ଚରଙ୍କ ମାଲିକାନାରେ ଥିବା ସୁଜାତା ହୋଟେଲ୍ସକୁ ଏହି ଚୁକ୍ତି ଦିଆଯିବା ବଦଳରେ ପାଟନାରେ ଥିବା ଏକ ମୂଲ୍ୟବାନ ଜମି ଯାଦବ ପରିବାରକୁ ମିଳିଥିଲା। କୋଟି କୋଟି ଟଙ୍କା ମୂଲ୍ୟର ଏହି ଜମିକୁ ବଜାର ଦର କିମ୍ବା ସର୍କଲ ରେଟ୍ ତୁଳନାରେ ବହୁତ କମ୍ ମୂଲ୍ୟରେ ଲାଲୁ ପରିବାର ସହ ଜଡିତ ଏକ କମ୍ପାନୀ ହାସଲ କରିଥିଲା ବୋଲି ସିବିଆଇ କହିଛି। ସରଳା ଗୁପ୍ତାଙ୍କ ସହ ଜଡିତ ଗୋଟିଏ କମ୍ପାନୀ ମାଧ୍ୟମରେ ଏହି ସମ୍ପତ୍ତି ହସ୍ତାନ୍ତର ହୋଇଥିବା ମଧ୍ୟ ସିବିଆଇ ଅଭିଯୋଗ କରିଛି। ସରଳା ଗୁପ୍ତା ହେଉଛନ୍ତି ପ୍ରେମ ଚାନ୍ଦ ଗୁପ୍ତାଙ୍କ ପତ୍ନୀ। ସିବିଆଇର ଏପରି ଅଭିଯୋଗ ପରେ ମାମଲାରେ ପ୍ରବେଶ କରିଥିଲା ଇଡି। ପ୍ରିଭେନ୍‌ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଅଧୀନରେ ଇଡି ମାମଲା ରୁଜୁ କରିଥିଲା।

ଚାର୍ଜସିଟ୍ ଅନୁସାରେ, ଜମି ଡିଲ ପରେ କମ୍ପାନୀର ଶେୟାରକୁ କମ ମୂଲ୍ୟରେ କିଣା ଯାଇ ଏହାର ନିୟନ୍ତ୍ରଣ ରାବ୍ରୀ ଦେବୀ ଓ ତେଜସ୍ୱୀ ଯାଦବ ନିଜ ହାତକୁ ଆଣିଥିଲେ। ଏବେ ମନି ଲଣ୍ଡରିଂ ମାମଲାରେ ଚାର୍ଜଫ୍ରେମ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବାରୁ ଆଗକୁ ଇଡି ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆଶଙ୍କା ରହିଛି।

# ଆଧୁନିକ ଚାଉଳ, ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା କରିବାକୁ ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୧୦।୯(ମହାଭାରତ): ରାଜ୍ୟରେ ଚାଷୀମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଏବଂ ସ୍ଥାନୀୟ ଦେଶୀ ଖାଦ୍ୟଶସ୍ୟର ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ପାଇଁ ଓଡ଼ିଶା ସରକାର ଏକ ଆଧୁନିକ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ (କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି) କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ (ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ), ଫିଲିପାଇନ୍ସ ସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ନେସେ ଶ୍ରୀନିବାସୁଲୁ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିସନର-ତଥା-ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଜାଧବ ଏବଂ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ୩,୮୪୫ ବର୍ଗମିଟର ପରିମିତ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ଏହି କାରଖାନାଟି ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବେସରକାରୀ ସହଯୋଗୀ ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ ପରିଚାଳିତ ହେବ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଚାଷୀମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ଉନ୍ନତ ମାନର ଦେଶୀ ବିହନ ପ୍ରଦାନ ସହ ସିଧାସଳଖ ବଜାର ସଂଯୋଗ ଯୋଗାଇଦେଇ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା। ଏହି ପ୍ରକଳ୍ପ ଅଧୀନରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ), ଉଚ୍ଚ ପ୍ରୋଟିନ୍ ଯୁକ୍ତ, ମିଲିଂ କ୍ଷମତା, ସୁଗନ୍ଧ ଥିବା ୨୯ଟି ସ୍ଥାନୀୟ ଦେଶୀ ଧାନ କିସମର ଗୁଣବତ୍ତା ପରୀକ୍ଷା କରାଯାଇଛି। ବିଶେଷ କରି କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଚାଉଳ, କଳାଜିରା ଧାନ ଏବଂ ରପ୍ତାନି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କଳା ଚାଉଳ ପ୍ରକ୍ରିୟାକରଣ ପାଇଁ ସ୍ୱତନ୍ତ୍ର ୟୁନିଟ୍ ସ୍ଥାପନ ଯୋଜନା ରହିଛି। କେବଳ ଚାଉଳ ପ୍ରସେସିଂ ନୁହେଁ, ବରଂ ମଲ୍ଟି-ମିଲେଟ୍ ଫ୍ଲେକ୍ସ, ମୋଟା ଆଇଆରଆରଆଇ-୧୪୭ ଚାଉଳ ଫ୍ଲେକ୍ସ, ଜିରା କୁକିଜ୍ ଏବଂ ଅନ୍ୟାନ୍ୟ ବେକରୀ ସାମଗ୍ରୀ ପ୍ରସ୍ତୁତ କରାଯାଇ 'ସୁଭଦ୍ରା ଶକ୍ତି ବଜାର' ମାଧ୍ୟମରେ ବିକ୍ରିକରାଯିବ ଏବଂ ଦେଶ ବିଦେଶରେ ଏହାକୁ ବିକ୍ରୟ ପାଇଁ ପଠାଯିବ। ଆଧୁନିକ ଶିଳ୍ପ ଭିତ୍ତିଭୂମି ଓ କମ୍ୟୁନିଟି ଭାଗୀଦାରିରେ ଏହି ମିଳିତ ପ୍ରଚେଷ୍ଟା ଓଡ଼ିଶାର କୃଷିଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଚାଷୀ ଓ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ।




# ୫୦ ହଜାର ଲାଞ୍ଚ ନେଇ ଧରାପଡିଲେ କୋର୍ଟ କିରାଣି

**ଭୁବନେଶ୍ୱର,୧୦।୯:** ଭିଜିଲାନ୍ସ ଜାଲରେ ପଡିଛନ୍ତି ମାଲକାନଗିରି ଜିଲ୍ଲା ମାଥିଲି ଔଗରଉ କୋର୍ଟର କିରାଣି ଅଚ୍ୟୁତ କୁମାର ପ୍ରଧାନ। ଜଣେ ବ୍ୟକ୍ତିଙ୍କ ନାଁରେ ଦୁଇଟି ଜାମିନବିହୀନ ଗିରଫ ପରୱାନା ଥିବା ବେଳେ ସେଥିରୁ ମୁକ୍ତି ଦେବା ପାଇଁ କିରାଣି ଶ୍ରୀ ପ୍ରଧାନ ୫୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ମାଡିବସିଥିଲା ଭିଜିଲାନ୍ସ ଟିମ୍। ଉକ୍ତ ବ୍ୟକ୍ତିଙ୍କୁ ସେ ଗୁରୁବାର ଘରକୁ ଡକାଇ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଧରାପଡିଛନ୍ତି। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି।

ଲାଞ୍ଚ ନେଇ ଧରାପଡିବା ପରେ ଜୟପୁର ଓ ମାଲକାନଗିରି ଭିଜିଲାନ୍ସର ଟିମ୍ ତାଙ୍କ ଘରେ ଚ ?।ଉ କରିଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ଏହି ସନ୍ଦର୍ଭରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଭିଜିଲାନ୍ସର ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ୭ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ କଟକ ଜିଲ୍ଲା ଆଠଗଡର ପୂର୍ବତନ ଫରେଷ୍ଟର ଆଶିଷ ନାଏକଙ୍କୁ ଗୁରୁବାର ଗିରଫ କରିଛି ଭିଜିଲାନ୍ସ। ସେ ଏବେ କଟକ ସ୍ଥିତ ଡିଏଫଓଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇଥିବା ବେଳେ ଆବଶ୍ୟକ ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଶ୍ରୀ ନାଏକ ଜାଲ୍ ବିଲ୍ ଦାଖଲ କରି ୭ ଲକ୍ଷ ୪୧ ହଜାର ୨୯୭ ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଆଠଗଡ଼ ସଦର ସେକ୍ସନ ଅଧୀନସ୍ଥ କୁଲେଇଲୋ ବିଟ୍ ଏବଂ ସଦର ବିଟ୍‌ରେ ୨୦୨୫-୨୬ ବର୍ଷର ସହାୟକ ପ୍ରାକୃତିକ ପୁନରୁଦ୍ଧାର ରୋପଣ ପ୍ରକଳ୍ପ ପାଇଁ କାମ୍ପା ଯୋଜନା ଅଧୀନରେ ଏହି ଜାଲ୍ ବିଲ୍ ସବୁ ପ୍ରସ୍ତୁତ କରାଯାଇଥିଲା।

# ଦୁଇ ଜିଲ୍ଲାକୁ ରେଡ୍ ଆଲର୍ଟ

## ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା; ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର,୧୦।୯(ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ । ଆଉ ଏହାର ପ୍ରଭାବରେ ବଦଳିଯାଇଛି ଓଡ଼ିଶାର ପାଗ । ରାଜ୍ୟର ଅନେକ ସ୍ଥାନରେ ଲାଗି ରହିଛି ବର୍ଷା । କେଉଁଠି ମୂଷଳଧାରା ବର୍ଷା ତ କେଉଁଠି ଜଳବନ୍ଦୀ ଆଶଙ୍କା । ଆଗାମୀ ୨୪ ଘଣ୍ଟାରେ କେତେକ ସ୍ଥାନରେ ଭାରିରୁ ଅତି ପ୍ରବଳ ବର୍ଷା ହୋଇପାରେ ।

ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର । ଏହାର ପ୍ରଭାବରେ ବର୍ଷାର ପରିମାଣ ବଢ଼ିଛି । ସବୁଠାରୁ ଅଧିକ ଚିନ୍ତା କଳାହାଣ୍ଡି ଓ କନ୍ଧମାଳକୁ ନେଇ । ଏହି ଦୁଇ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଆଶଙ୍କା ଥିବାରୁ ରେଡ୍ ଆଲର୍ଟ ଜାରି ହୋଇଛି। ସେହିପରି ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ଗଜପତି ଓ ଗଞ୍ଜାମକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ଆଗାମୀ ଦୁଇ ଦିନ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ।

ବର୍ଷା ସହ ଉପକୂଳରେ ବଢ଼ିଛି ସମୁଦ୍ରର ଅଶାନ୍ତି । ରାଜ୍ୟର ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଜାରି ହୋଇଛି । ସମୁଦ୍ରରେ ଉଚ୍ଚ ଲହଡ଼ି ଉଠିବା ସହ ଆଗାମୀ ୪୮ ଘଣ୍ଟାରେ ପବନର ବେଗ ୪୦ରୁ ୫୦ କିଲୋମିଟର ରହିପାରେ । ଝଟକା ପବନ ୬୦ କିଲୋମିଟର ପ୍ରତି ଘଣ୍ଟା ଛୁଇଁପାରେ । ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିବା ସହ ରାସ୍ତାଘାଟରେ ଯାତାୟାତ ପ୍ରଭାବିତ ହୋଇପାରେ । ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ଆଶଙ୍କା ମଧ୍ୟ ରହିଛି । ସମୁଦ୍ର ଅଶାନ୍ତ ରହିବା ନେଇ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବାକୁ ସତର୍କ କରାଯାଇଛି । ସେହିପରି ଲୋକଙ୍କୁ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନରେ ରହିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।

ଆସନ୍ତାକାଲି କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଛୁଟି ଘୋଷଣା କରାଯାଇଛି। ଗୁରୁବାର କଳାହାଣ୍ଡି ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡିକୁ ଛୁଟି ଘୋଷଣା କରାଯାଇଛି। ପ୍ରାଥମିକରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ସମସ୍ତ ସ୍କୁଲକୁ ବନ୍ଦ ରଖିବାକୁ କୁହାଯାଇଛି। ଓଡିଶା ଆଦର୍ଶ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟଗୁଡିକୁ ମଧ୍ୟ ଛୁଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲଗୁଡିକୁ ଛୁଟି ଘୋଷଣା କରାଯାଇଥିଲେ ବି ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିବେ। ସେମାନେ ବାକି ପଡିଥିବା କାମ ସଂପୂର୍ଣ୍ଣ କରିବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ୧୭ରୁ ସ୍ୱଚ୍ଛତା ହିଁ ସେବା, ଜଳିବ ୧ କୋଟି ଦୀପ

ଭୁବନେଶ୍ୱର୧୦।୯(ମହାଭାରତ):: ଓଡ଼ିଶାରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦେଶବ୍ୟାପୀ 'ସ୍ୱଚ୍ଛତା ହି ସେବା' - ୨୦୨୬ ଅଭିଯାନ ପାଳିତ ହେବ। ଏହି ଅବସରରେ ଓଡିଶାରେ ମଧ୍ୟ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ସ୍ୱଚ୍ଛତା ହି ସେବା ୨୦୨୬ ପାଳନ ସମ୍ପର୍କରେ ଆଜି କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଏସବିଏମ (ସହରାଞ୍ଚଳ) ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।ବୈଠକ ପରେ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମର କମିଶନର ଏବଂ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଅଭିଯାନର ସଫଳ, ସମନ୍ୱିତ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

ଏହି ଅବସରରେ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ସ୍ୱଚ୍ଛତା ହି ସେବା ପାଇଁ ଓଡ଼ିଶାର ପ୍ରସ୍ତୁତି ଶେଷ ହୋଇଛି ଏବଂ କେନ୍ଦ୍ରର ସମସ୍ତ ମାର୍ଗଦର୍ଶିକାକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯିବ। ଓଡ଼ିଶାରେ ଏକ କୋଟି ଦୀପ ପ୍ରଜ୍ୱଳନ ପାଇଁ ମଧ୍ୟ ଯୋଜନା କରାଯାଇଛି। ଏଥିରେ ପ୍ରତି ଜିଲ୍ଲାର ପ୍ରତିଟି ପରିବାରକୁ ସାମିଲ କରାଯିବ। ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବିଭାଗ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ପରିମଳ ଓ ସଫେଇ କାର୍ଯ୍ୟ ସହ ଜଳାଶୟଗୁଡ଼ିକର ବିକାଶ କାର୍ଯ୍ୟ ହାତକୁ ନେବ। ସେହିପରି, ବିଭାଗ ସହରାଞ୍ଚଳରେ ଏହିଭଳି କାର୍ଯ୍ୟକ୍ରମ କରିବ । କାର୍ଯ୍ୟ ପୂର୍ବରୁ ଓ ପରେ ଥିବା ସ୍ଥିତିକୁ ଭିଡିଓ ଜରିଆରେ ରେକର୍ଡ କରାଯାଇ ପରିବର୍ତ୍ତନକୁ ପ୍ରଦର୍ଶିତ କରାଯିବ।

ଏହି ଅଭିଯାନ ପାଞ୍ଚଟି ପ୍ରମୁଖ ସ୍ତମ୍ଭ ଉପରେ ଆଧାରିତ ହେବ। ସ୍ୱଚ୍ଛତା ଲକ୍ଷ୍ୟ ଏକକ ଏବଂ ଅଳିଆ ଆବର୍ଜନା ପଡୁଥିବା ସ୍ଥାନ ଗୁଡ଼ିକର ଚିହ୍ନଟ ଓ ସମୟୋଚିତ ରୂପାନ୍ତରଣ; 'ସ୍ୱଚ୍ଛତା ଜ୍ଞାନ ଯାତ୍ରା' ଓ 'ସ୍ୱଚ୍ଛତା ସମ୍ବାଦ' ମାଧ୍ୟମରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଅଂଶଗ୍ରହଣ; ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ସଂଯୋଗ ପାଇଁ 'ସଫାଇମିତ୍ର ସୁରକ୍ଷା ଏବଂ ସମ୍ମାନ ଶିବିର'; ଶୂନ୍ୟ-ବର୍ଜ୍ୟବସ୍ତୁ କ୍ରୀଡ଼ା ଓ ପରିବେଶ ଅନୁକୂଳ ଉତ୍ସବ ମାଧ୍ୟମରେ ଜନଭାଗିଦାରୀ; ଏବଂ 'ସ୍ୱଚ୍ଛତା ସେ ସମୃଦ୍ଧି' ଅଧୀନରେ ବର୍ଜ୍ୟବସ୍ତୁରୁ କଳା, ବର୍ଜ୍ୟବସ୍ତୁରୁ ସମ୍ପଦ ଭଳି ଅର୍ଥନୀତି ଅଭ୍ୟାସକୁ ପ୍ରୋତ୍ସାହନ ଦିଆଯିବ ।

ଚିହ୍ନଟ ହୋଇଥିବା ସ୍ଥାନ ଏବଂ ଅଳିଆ ପଡୁଥିବା ଅଞ୍ଚଳଗୁଡ଼ିକରେ ସ୍ୱଚ୍ଛତା, ସୌନ୍ଦର୍ଯ୍ୟକରଣ ଓ ନିରନ୍ତର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବାକୁ ପୌରାଞ୍ଚଳ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି, ସଫେଇ କର୍ମଚାରୀଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣ ସହିତ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ।

ନାଗରିକ, ଜନପ୍ରତିନିଧି, ସରକାରୀ କର୍ମଚାରୀ, ବିଭିନ୍ନ ଅନୁଷ୍ଠାନ ଓ ସାମାଜିକ ସଂଗଠନଗୁଡ଼ିକୁ ଏକାଠି କରି ସ୍ୱଚ୍ଛତା କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅକ୍ଟୋବର ୧ ତାରିଖରେ ରାଜ୍ୟସ୍ତରୀୟ "ଏକ ଦିନ, ଏକ ଘଣ୍ଟା, ଏକ ସାଥ୍" ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଅକ୍ଟୋବର ୨ ତାରିଖରେ 'ସ୍ୱଚ୍ଛ ଭାରତ ଦିବସ' ପାଳନ ସହ ଅଭିଯାନର ଉଦ୍‌ଯାପନ ହେବ। ସ୍ଥାୟୀ ପରିମଳ ଓ ଉନ୍ନତ ସହରୀ ଜୀବନ ପ୍ରତି ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବା ଲାଗି ପୌରାଞ୍ଚଳ ପରିଷଦର ସ୍ୱତନ୍ତ୍ର ବୈଠକ ମଧ୍ୟ ଅନୁଷ୍ଠିତ ହେବ ।ବ୍ୟାପକ ଜନସଚେତନତା ସୃଷ୍ଟି ଓ ଅଭିଯାନର ସଫଳତା ପାଇଁ ଉପଲବ୍ଧ ଏସ୍ ବି ଏମ୍ (ସହରାଞ୍ଚଳ) ୨.୦ ଆଇସି ପାଣ୍ଠି କିମ୍ବା ନିଜସ୍ୱ ସମ୍ବଳ ବ୍ୟବହାର କରି ଏକ ଦୃଢ଼ ୩୬୦-ଡିଗ୍ରୀ ସୂଚନା, ଶିକ୍ଷା ଓ ଯୋଗାଯୋଗ ଯୋଜନା ପ୍ରସ୍ତୁତ କରିବାକୁ ପୌରସଂସ୍ଥା ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍‌ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ, ଲେମ୍ବୁ ରସ, କାଜୁ ପେଷ୍ଟ, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍‌କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍‌କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



**ଖବର**

## ୬ ଫିଲ୍ମକୁ ପଛରେ ପକାଇଲା 'ହନୁମାନ ଅଂଶ'




କମ୍ ବଜେଟ୍‌ରେ ନିର୍ମିତ ଫିଲ୍ମ 'ହନୁମାନ ଅଂଶ' ବକ୍ସ ଅଫିସ୍‌ରେ ଚମତ୍କାର ପ୍ରଦର୍ଶନ କରୁଛି। ପ୍ରାୟ ୨ କୋଟି ଟଙ୍କା ବଜେଟ୍‌ର ଏହି ଫିଲ୍ମ ୧୦୦ କୋଟିରୁ ଅଧିକ ଆୟ କରିସାରିଛି । ଏବେ ପଞ୍ଚମ ସପ୍ତାହରେ ମଧ ଏହାର ଆୟ ଜାରି ରହିଛି। ଏହି ଫିଲ୍ମ 'ଟକ୍ସିକ୍' ସମେତ ୬ଟି ଫିଲ୍ମକୁ ପଛରେ ପକାଇଛି। ବିଶାଳ ଚତୁର୍ବେଦୀଙ୍କ ନିର୍ଦ୍ଦେଶିତ 'ହନୁମାନ ଅଂଶ' ନୀମ କରୋଲି ବାବାଙ୍କ ଜୀବନ ଉପରେ ଆଧାରିତ। ଫିଲ୍ମରେ ଶୋଭିନବ ସତ୍ୟା ନୀମ କରୋଲି ବାବାଙ୍କ ଭୂମିକାରେ ଅଭିନୟ କରିଛନ୍ତି। ସାକ୍‌ନିଲ୍କ ରିପୋର୍ଟ ଅନୁଯାୟୀ, ୩୪ତମ ଦିନରେ ଫିଲ୍ମଟି ୧୦.୨୫ କୋଟି ଟଙ୍କା ଆୟ କରିଛି। ଭାରତରେ ଏହାର ମୋଟ ନେଟ୍ ଆୟ ୧୫୩.୧୩ କୋଟି ଓ ଗ୍ରସ୍ ଆୟ ୧୮୦.୯୫ କୋଟି ଟଙ୍କାରେ ପହଞ୍ଚିଛି।୭ ଅଗଷ୍ଟ ୨୦୨୬ରେ ରିଲିଜ୍ ହୋଇଥିବା 'ହନୁମାନ ଅଂଶ'କୁ ଆରମ୍ଭରୁ 'ଓହ୍ ମାଇ ଡଗ୍' ଏବଂ 'ଆର୍ଯ୍ୟଭଟ୍ଟଙ୍କ ଜିରୋ' ଭଳି ଫିଲ୍ମ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିଥିଲା। ପରେ 'ଆବାରାପନ୍ ୨' ଓ 'ବଟୱାରା ୧୯୪୭' ସହ ମଧ ଏହାର ଟକ୍କର ହୋଇଥିଲା। କମ୍ ବଜେଟ୍ ସତ୍ତ୍ୱେ ଫିଲ୍ମଟି ଏହି ସମସ୍ତ ଫିଲ୍ମକୁ ପଛରେ ପକାଇବାରେ ସଫଳ ହୋଇଛି। ଅନ୍ୟପକ୍ଷରେ 'ମିର୍ଜାପୁର: ଦ ମୁଭି' ଓ ଟକ୍ସିକ୍ କୁ ଏହା ପଛରେ ପକାଇଛି । ଅନ୍ୟପକ୍ଷରେ 'ମିର୍ଜାପୁର: ଦ ମୁଭି' ମଧ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରୁଛି। ପଙ୍କଜ ତ୍ରିପାଠୀ, ଅଲୀ ଫଜଲ, ଦିବ୍ୟେନ୍ଦୁ ଓ ରବି କିଶନଙ୍କ ଭଳି ଅଭିନେତାଙ୍କ ଅଭିନୟ ଥିବା ଏହି ଫିଲ୍ମ ପ୍ରଥମ ଦିନରେ ୨୫.୭୫ କୋଟି ଟଙ୍କା ଆୟ କରିଥିଲା। ସାକ୍‌ନିଲ୍କ ରିପୋର୍ଟ ଅନୁଯାୟୀ, ଷଷ୍ଠ ଦିନରେ ଫିଲ୍ମଟି ୧୨.୩୦ କୋଟି ଟଙ୍କା ନେଟ୍ ଆୟ କରିଛି। ଭାରତରେ ଏହାର ମୋଟ ଗ୍ରସ୍ ଆୟ ୧୬୪.୪୩ କୋଟି ଏବଂ ନେଟ୍ ଆୟ ୧୩୭.୬୫ କୋଟି ଟଙ୍କା ହୋଇଛି । ବିଦେଶୀ ବଜାରରୁ ୨୯ କୋଟି ଟଙ୍କା ଆୟ ସହ ଫିଲ୍ମର ବିଶ୍ୱବ୍ୟାପୀ ଗ୍ରସ୍ ଆୟ ୧୯୩.୪୩ କୋଟି ଟଙ୍କାରେ ପହଞ୍ଚିଛି ।ଏପଟେ ଯଶ, କିଆରା ଆଡଭାଣୀ, ନୟନତାରା ଓ ତାରା ସୁତାରିଆଙ୍କ ଅଭୀନିତ 'ଟକ୍ସିକ୍'ର ବକ୍ସ ଅଫିସ୍ ଆୟରେ ଲଗାତାର ହ୍ରାସ ଦେଖାଯାଉଛି। ଗୀତୁ ମୋହନଦାସଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ୍ ଡ୍ରାମାକୁ ଦର୍ଶକ ଓ ସମୀକ୍ଷକଙ୍କଠାରୁ ମିଶ୍ର ପ୍ରତିକ୍ରିୟା ମିଳିଛି। ସାକ୍‌ନିଲ୍କ ରିପୋର୍ଟ ଅନୁଯାୟୀ, ଫିଲ୍ମଟି ୧୫ତମ ଦିନରେ ୧,୩୨୨ଟି ଶୋ'ରୁ ୬୦ ଲକ୍ଷ ଟଙ୍କା ନେଟ୍ ଆୟ କରିଛି। ଏହା ୧୪ତମ ଦିନର ୭୫ ଲକ୍ଷ ଟଙ୍କା ଆୟ ତୁଳନାରେ ପ୍ରାୟ ୨୦ ପ୍ରତିଶତ କମ୍। 'ଟକ୍ସିକ୍'ର ଭାରତୀୟ ନେଟ୍ ଆୟ ୨୪୭.୮୫ କୋଟି ଓ ଗ୍ରସ୍ ଆୟ ୨୯୫.୮୨ କୋଟି ଟଙ୍କାରେ ପହଞ୍ଚିଛି। ବିଦେଶରୁ ମୋଟ ୪୩.୫୦ କୋଟି ଟଙ୍କା ଗ୍ରସ୍ ଆୟ ସହ ଫିଲ୍ମର ବିଶ୍ୱବ୍ୟାପୀ ଗ୍ରସ୍ ଆୟ ୩୩୯.୩୨ କୋଟି ଟଙ୍କା ହୋଇଛି।

## ମୋହିନୀ ସ୍ୱରୂପ



ଶ୍ରୀହରି ମୋହିନୀ ଅବତାର ଧାରଣ କରିଥିଲେ। ସମୁଦ୍ର ମନ୍ଥନ ସମୟରେ ଅମୃତ ବାହାରିଲା। ଏହି ସମୟରେ ଭଗବାନ ବିଷ୍ଣୁ ମୋହିନୀ ଅବତାର ଧାରଣ କରିଥିଲେ ଏବଂ ସେ ଦେବତାଙ୍କୁ ଅମୃତ ବିତରଣ କରିଥିଲେ। ମୋହିନୀ ଅବତାର ନେଇନଥିଲେ ଅସୁରମାନେ ଅମୃତ ଛଡ଼ାଇ ନେଇ ପିଇ ଦେଇଥାନ୍ତେ। ମୋହିନୀ ଅବତାରରେ ଶ୍ରୀହରି ଦେବତାମାନଙ୍କୁ ଅମୃତ ଦେବା ସହିତ ଅସୁରମାନଙ୍କୁ ସାଧାରଣ ପାନୀୟ ପିଆଇ ଦେଇଥିଲେ । ପୌରାଣିକ ମତାନୁଯାୟୀ, ଭଗବାନ ବିଷ୍ଣୁ ମୋହିନୀ ରୂପକୁ ହିଁ ଭଗବାନ ଅୟପ୍ପାଙ୍କ ମାତା ବୋଲି ଗ୍ରହଣ କରାଯାଇଥାଏ । ଶ୍ରୀହରିଙ୍କ ମୋହିନୀ ରୂପ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ସେ ଏହି ରୂପ ଲୋକକଲ୍ୟାଣ ଉଦ୍ଦେଶ୍ୟରେ ଧାରଣ କରିଥିଲେ। ଏହି ରୂପରେ ଶ୍ରୀହରି ଅତ୍ୟନ୍ତ ସୁନ୍ଦର ଯୁବା ମହିଳା ରୂପରେ ପ୍ରକଟ ହୋଇଥିଲେ । ଅଗ୍ନି ପୁରାଣରେ ଉଲ୍ଲେଖ ରହିଛି ଯେ ଅମୃତ ବଣ୍ଟନ ନିମନ୍ତେ ଶ୍ରୀହରି ଅର୍ଥାତ୍ ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରିଥିଲେ। ତାଙ୍କର ଏହି ରୂପ ପ୍ରତି ଆକର୍ଷିତ ହୋଇପଡ଼ିଥିଲେ ଭଗବାନ ଶିବ । ଶିବ ଯେଉଁ ସ୍ଥାନରେ ସ୍ଖଳିତ ହୋଇପଡ଼ିଥିଲେ ତାହା ଏବେ ଗଙ୍ଗୋତ୍ରୀ ନାମରେ ପ୍ରସିଦ୍ଧ। ଶିବଙ୍କ ସେହି ତତ୍ତ୍ୱ ଏବେ ଅମୂଲ୍ୟ ପାରଦ ରୂପ ଧାରଣ କରିଛି । ଗଙ୍ଗା ଜଳରେ ପାରଦର ଅଂଶ ରହିଛି । ଶାସ୍ତ୍ରରେ ଥିବା ବର୍ଣ୍ଣନା ଅନୁଯାୟୀ ପାରଦ ହିଁ ସମ୍ପୂର୍ଣ୍ଣ ସୃଷ୍ଟି ଏବଂ ଜୀବଜଗତର ମୂଳଆଧାର ।

## ନୂଆଁଖାଇ ପାଇଁ ମା' ସମଲେଶ୍ୱରୀଙ୍କ ପୀଠରେ ପହଞ୍ଚିଲା ଧାନ କେଣ୍ଡା



ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇକୁ ନେଇ ଗାଁଠୁ ସହର ଯାଏ ସବୁଠି ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ନବାନ୍ନ ପାଇଁ ନୂଆ ଧାନ ଅମଳ ଆରମ୍ଭ ହୋଇଥିବା ବେଳେ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ନୂଆଁଖାଇ ଭୋଗ ଲାଗି ପାଇଁ ଆଜି ପହଞ୍ଚିଛି ପବିତ୍ର ଧାନ କେଣ୍ଡା। ଏଥିସହ ନବାନ୍ନ ଭୋଗ ପାଇଁ ଆବଶ୍ୟକ ଅନ୍ୟାନ୍ୟ ସାମଗ୍ରୀ ମଧ ମନ୍ଦିରରେ ପହଞ୍ଚିଛି।ଧନକଉଡ଼ା ବ୍ଲକ ଅନ୍ତର୍ଗତ ବଲବସପୁର ଗ୍ରାମର ଚାଷୀ ସୁବାଷ ବେହେରାଙ୍କ ପରିବାର ଧାନ କେଣ୍ଡା ସହ ଅନ୍ୟ ଭୋଗ ସାମଗ୍ରୀ ନେଇ ସମ୍ବଲପୁରର ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାଏଙ୍କୁ ସେମାନେ ଏହି ସାମଗ୍ରୀ ହସ୍ତାନ୍ତର କରିଥିଲେ।ଏହା ପୂର୍ବରୁ ଗୁରୁବାର ପୂର୍ବାହ୍ନରେ ଗୋପାଳଜୀ ମଠରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଦୁଲଦୁଲି ବାଦ୍ୟର ତାଳେ ତାଳେ ଏକ ଶୋଭାଯାତ୍ରାରେ ଧାନ କେଣ୍ଡା ଓ ଭୋଗ ସାମଗ୍ରୀକୁ ସମ୍ବଲପୁର ଅଣାଯାଇଥିଲା। ମନ୍ଦିର ସମ୍ମୁଖରେ ପୂଜକ ଓ ଅଞ୍ଚଳବାସୀ ଶ୍ରଦ୍ଧା ଓ ଉତ୍ସାହର ସହ ଚାଷୀ ପରିବାରକୁ ସ୍ୱାଗତ କରିଥିଲେ।ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ନୂଆଁଖାଇ ନବାନ୍ନ ଭୋଗ ପାଇଁ ଧାନ କେଣ୍ଡା ସମେତ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ମନ୍ଦିରରେ ପହଞ୍ଚିଛି ।ଉଲ୍ଲେଖଯୋଗ୍ୟ, ବଲବସପୁର ଗ୍ରାମର ଚାଷୀ ସୁବାଷ ବେହେରାଙ୍କ ପରିବାର ପ୍ରାୟ ୧୫ ବର୍ଷ ଧରି ୬୦ ଦିନିଆ ସରିଆ ଧାନ ଚାଷ କରି ନୂଆଁଖାଇ ଅବସରରେ ମା' ସମଲେଶ୍ୱରୀଙ୍କ ପୀଠକୁ ନବାନ୍ନ ଭୋଗ ପାଇଁ ଧାନ ପ୍ରଦାନ କରିଆସୁଛନ୍ତି। ଚାଷୀଙ୍କ ଶ୍ରମ, ପରମ୍ପରା ଓ ଆସ୍ଥାର ଏହି ସମନ୍ୱୟ ପଶ୍ଚିମ ଓଡ଼ିଶାର ନୂଆଁଖାଇ ସଂସ୍କୃତିକୁ ଆହୁରି ସମୃଦ୍ଧ କରିଆସୁଛି।ଏହି ଅବସରରେ ପୂଜକ ପରିବାରର ଶିବ ପ୍ରସାଦ ରାଏ, ଦେବେନ୍ଦ୍ର ରାଏ, ଯୋଗେନ୍ଦ୍ର ରାଏ, ଗୋମତୀ ରାଏ, ଦୀପଶିଖା ରାଏଙ୍କ ସମେତ ବଲବସପୁରର ଚାଷୀ ସୁବାଷ ବେହେରା, ପୁଷ୍ପାଞ୍ଜଳି ବେହେରା, ସତ୍ୟଭାନ ବେହେରା, ନିରୁପମା ବେହେରା, ଅଶୋକ ବେହେରା, ଜାହ୍ନବୀ ବେହେରା, ଦିଲୀପ ବେହେରା, ଜୟନ୍ତୀ ବେହେରା ଓ ପଦ୍ମିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।ଆସନ୍ତା ସେପ୍ଟେମ୍ବର ୧୫ ତାରିଖରେ ପଶ୍ଚିମ ଓଡ଼ିଶାର ଏହି ମହାନ ଗଣପର୍ବ ନୂଆଁଖାଇ ଅବସରରେ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ପାରମ୍ପରିକ ବିଧିବିଧାନ ଅନୁଯାୟୀ ନବାନ୍ନ ଭୋଗ ଲାଗିବ।

## ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍



ପାଣ୍ଡବ ଏବଂ କୌରବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୃପୀଙ୍କ ପୁତ୍ର ଥିଲେ ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧ ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଅନେକ ସ୍ଥାନ ଭ୍ରମଣ କରୁଥିଲେ । ଥରେ ସେ ହିମାଳୟରେ ପହଞ୍ଚିଲେ । ସେଠାରେ ତମସା ନଦୀ ତଟରେ ଥିବା ଏକ ଦିବ୍ୟ ଗୁମ୍ଫାରେ ସେ ତପସ୍ୟା କଲେ। ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରକଟ ହେଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଭଗବାନ ଶିବଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ବରଦାନ ମାଗିଲେ । ଶିବ ତଥାସ୍ତୁ ! କହି ଅନ୍ତର୍ଦ୍ଧାନ ହୋଇଗଲେ । ଏହାର କିଛିଦିନ ପରେ ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏକ ଅତ୍ୟନ୍ତ ତେଜସ୍ୱୀ ପୁତ୍ରକୁ ଜନ୍ମ ଦେଲେ । ଅଶ୍ୱତ୍ଥାମାର ମସ୍ତକରେ ଏକ ଅମୂଲ୍ୟ ମଣି ଥିଲା । ଶକ୍ତିଶାଳୀ ଦୈତ୍ୟ, ଦାନବ, ଶସ୍ତ୍ର, ବ୍ୟାଧି, ଦେବତା, ନାଗର ମଣି ଭଳି ତାହା ଦେଖାଯାଉଥିଲା । ଅଶ୍ୱତ୍ଥାମା ଜନ୍ମ ସମୟରେ ତାଙ୍କ ମୁଖରୁ ଘୋଡ଼ା ଭଳି 'ହିଁ ହିଁ' ଶବ୍ଦ ବାହାରୁଥିଲା । ଏହି କାରଣରୁ ତାଙ୍କ ନାମ 'ଅଶ୍ୱତ୍ଥାମା' ରଖାଗଲା ।

ମହାଭାରତରେ ଉଲ୍ଲେଖ ରହିଛି ଯେ ଥରେ ଅଶ୍ୱତ୍ଥାମା ଦ୍ୱାରିକା ପହଞ୍ଚିଲା । ଶ୍ରୀକୃଷ୍ଣ ତାକୁ ସ୍ୱାଗତ ଜଣାଇଲେ । କିଛିଦିନ ରହିବା ପରେ ଥରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ଅଶ୍ୱତ୍ଥାମା କହିଲା, ଆପଣ ମୋ ଠାରୁ ଅଜେୟ ବ୍ରହ୍ମାସ୍ତ୍ର ନେଇ ନିଜ ସୁଦର୍ଶନ ଚକ୍ର ମୋତେ ପ୍ରଦାନ କରନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ କହିଲେ, ତୁମେ ମୋର ଯେକୌଣସି ଅସ୍ତ୍ର ନେଇପାର । ଏହାପରେ ଅଶ୍ୱତ୍ଥାମା ସୁଦର୍ଶନ ଚକ୍ର ଉଠାଇବା ଲାଗି ଚେଷ୍ଟା କଲା । ହେଲେ ପାରିଲା ନାହିଁ । ସେ ନିରାଶ ହୋଇ ଶ୍ରୀକୃଷ୍ଣଙ୍କୁ କହିଲା, ମୋର ସୁଦର୍ଶନ ଚକ୍ର ଦରକାର ନାହିଁ । ଏହାପରେ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍ । ସେ ଏମିତି କିଛି ବସ୍ତୁ ମାଗିବା ଉଚିତ୍ ନୁହେଁ, ଯାହାକୁ ସମ୍ଭାଳିବା ମଧ ତା'ପକ୍ଷେ କଷ୍ଟକର ହୋଇପଡ଼ିବ । ଏହାଶୁଣି ଅଶ୍ୱତ୍ଥାମା ଲଜ୍ଜିତ ହେଲା ଏବଂ କୌଣସି ଅସ୍ତ୍ର ନନେଇ ଦ୍ୱାରିକାରୁ ଫେରିଗଲା ।



## ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା'ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା'ନ୍ତି। ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା'କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା'ନ୍ତି ।

# ଡାଟାଭିତ୍ତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବୁଝାମଣା

ଭୁବନେଶ୍ୱର,୧୦।୯ (ମହାଭାରତ): ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଡାଟା-ଭିତ୍ତିକ, ବୈଜ୍ଞାନିକ ଏବଂ ପ୍ରଯୁକ୍ତିସମ୍ପନ୍ନ ତଥା ସୁଦୃଢ଼ କରିବା ଦିଗରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତଥା ଓସ୍‌ଡମା ପକ୍ଷରୁ ଆଜି ଲୋକସେବା ଭବନ କନଭେନସନ ସେଣ୍ଟରଠିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଜାତିସଂଘ ବିକାଶ କାର୍ଯ୍ୟକ୍ରମ ବା ୟୁଏନ୍‌ଡିପି ଏବଂ ସିଭିକ୍ ଡାଟା ଲ୍ୟାବ୍ ସହିତ ଏହି ସହଭାଗିତା ସ୍ଥାପନ କରାଯାଇଛି। ଏହି ଦୁଇଟି ପ୍ରମୁଖ ସହଯୋଗିତା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହିତ ରାଜ୍ୟକୁ ଏକ ବିପର୍ଯ୍ୟୟ ସହନଶୀଳ ଓ ସୁରକ୍ଷିତ ରାଜ୍ୟରେ ପରିଣତ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମତବ୍ୟକ୍ତ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ୟୁଏନ୍‌ଡିପି ଭାରତର ଆବାସିକ ପ୍ରତିନିଧି ଶ୍ରୀମତୀ ଆଞ୍ଜେଲା ଲୁସିଗି ଏବଂ ସିଭିକ୍ ଡାଟା ଲ୍ୟାବ୍‌ର ନିର୍ଦ୍ଦେଶକ ତଥା ସହ-ପ୍ରତିଷ୍ଠାତା ଶ୍ରୀ ଗୌରବ ଗୋଧ୍ୱାନୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଓସ୍‌ଡମା ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀମତୀ ସୁସ୍ମିତା ବେହେରା ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି ଯେ, ବିପର୍ଯ୍ୟୟ ଘଟିବା ପରେ କେବଳ ପ୍ରତିକ୍ରିୟା ପ୍ରକାଶ କରିବା ପରିବର୍ତ୍ତେ ବିପର୍ଯ୍ୟୟ ପୂର୍ବରୁ ସଠିକ୍ ତଥ୍ୟ ଆଧାରରେ ପ୍ରସ୍ତୁତ ରହିବା ଏବଂ ବିପଦକୁ ଆକଳନ କରିବା ଆଜିର ସମୟର ଆହ୍ୱାନ। ସଠିକ୍ ତଥ୍ୟ ଆଧାରିତ ନିଷ୍ପତି ହିଁ ଲୋକଙ୍କ ଧନଜୀବନ ରକ୍ଷା କରିବା ସହ ବିକାଶମୂଳକ ଯୋଜନାକୁ ଅଧିକ ସୁଦୂରପ୍ରସାରୀ କରିପାରିବ। ସୁବ୍ୟବସ୍ଥିତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ସ୍ୱୀକୃତିକୁ ଏହି ନୂତନ ସହଭାଗିତା ନୂତନ ପରିଚୟ ଦେବ। ଏହି ସହଭାଗିତା ଅଧୀନରେ ଓସ୍‌ଡମା ଏବଂ ୟୁଏନ୍‌ଡିପି ମିଳିତ ଭାବେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏକ ବ୍ୟାପକ 'ବିପଦ, ଆଶଙ୍କା ଏବଂ ସଂକଟାପନ୍ନ ସ୍ଥିତି ଆକଳନ' କାର୍ଯ୍ୟକାରୀ କରିବେ। ଏହି ପ୍ରକଳ୍ପ ଅଧୀନରେ ବାତ୍ୟା ଓ ବନ୍ୟା ପ୍ରବଣ ୧୦ଟି ଉପକୂଳବର୍ତୀ ଜିଲ୍ଲାରେ ଗ୍ରାମ ସ୍ତରରୁ ଏବଂ ଅବଶିଷ୍ଟ ୨୦ଟି ଜିଲ୍ଲାରେ ଗ୍ରାମ ପଞ୍ଚାୟତ ସ୍ତରରୁ ତଥ୍ୟ ସଂଗ୍ରହ କରାଯିବ। ଏହି ସମସ୍ତ ତଥ୍ୟକୁ ନେଇ ଏକ ଡାଇନାମିକ୍ ଏଓଈ-ସକ୍ଷମ ଡିଜିଟାଲ୍ ପ୍ଲାଟଫର୍ମ ପ୍ରସ୍ତୁତ ହେବ, ଯାହା ଜଳବାୟୁ ପରିବର୍ତନ ଅନୁସାରେ ନିୟମିତ ଅପଡେଟ୍ ହୋଇପାରିବ ଏବଂ ଜିଲ୍ଲା ସ୍ତରୀୟ ରିସ୍କ ଆଟଲାସ୍ ତଥା ନୀତି ନିର୍ଦ୍ଧାରଣରେ ସହାୟକ ହେବ। ଏହି ଏଚଆରଭିଏ ଆକଳନ ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରସ୍ତୁତ ହେବ। ଜଳବାୟୁ ପରିବର୍ତନର ପ୍ରଭାବ ଅନୁସାରେ ଏହାକୁ ସମୟାନୁସାରେ ଅପଡେଟ୍ କରାଯାଇପାରିବ। ଏହାଦ୍ୱାରା ରାଜ୍ୟରେ ବିପର୍ଯ୍ୟୟ ପ୍ରଶମନ, ପୂର୍ବ ପ୍ରସ୍ତୁତି, ଜଳବାୟୁ ସହନଶୀଳତା ଏବଂ ଦୀର୍ଘସ୍ଥାୟୀ ବିକାଶ ମୂଳକ ଯୋଜନା ପାଇଁ ଏକ ସଠିକ୍ ଓ ବୈଜ୍ଞାନିକ ଆଧାର ବ୍ୟବସ୍ଥା ଉପଲବ୍ଧ ହେବ। ବିପର୍ଯ୍ୟୟ ପରିଚାଳନା ତଥା ସ୍ଥାନୀୟ ସମୁଦାୟର ସହନଶୀଳତା, ପୂର୍ବପ୍ରସ୍ତୁତି ଏବଂ ଦକ୍ଷତା ବୃଦ୍ଧିରେ ୟୁଏନଡିପିର ଦୀର୍ଘ ବର୍ଷର ବିଶ୍ୱସ୍ତରୀୟ ତଥା ଜାତୀୟ ଅଭିଜ୍ଞତା ଓଡ଼ିଶାକୁ ଏହି କ୍ଷେତ୍ରରେ ବିଶେଷ ଭାବେ ସହାୟକ ହେବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି। ସିଭିକ୍ ଡାଟା ଲ୍ୟାବ୍ ସହିତ ହୋଇଥିବା ଅଣ-ଆର୍ଥିକ ଚୁକ୍ତିନାମା ଓଡ଼ିଶାରେ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଏକ ସ୍ୱତନ୍ତ୍ର 'ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର' ଗଠନ କରିବ। ଏହି ସଂସ୍ଥା ନିଜର 'ଇଣ୍ଟେଲିଜେଣ୍ଟ ଡାଟା ସଲ୍ୟୁସନ୍ସ ଫର୍ ଡିଜାଷ୍ଟର ରିସ୍କ ରିଡକ୍ସନ୍' ପ୍ଲାଟଫର୍ମ ମାଧ୍ୟମରେ ବିଭିନ୍ନ ବିଭାଗର ତଥ୍ୟକୁ ଏକତ୍ରିତ କରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ସମସ୍ତ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷମାନଙ୍କ ପାଇଁ ରିଅଲ-ଟାଇମ୍ ଡ୍ୟାସବୋର୍ଡ ଏବଂ ବିଶ୍ଳେଷଣାତ୍ମକ ତଥ୍ୟ ଉପଲବ୍ଧ କରାଇବ। ପ୍ରାରମ୍ଭିକ ପର୍ଯ୍ୟାୟରେ ନଦୀ ବନ୍ୟା, ଉପକୂଳବର୍ତୀ ବନ୍ୟା ଏବଂ ଗ୍ରୀଷ୍ମ ପ୍ରବାହ/ଅଂଶୁଘାତ ଜନିତ ବିପଦ ଉପରେ ଏହା ସଠିକ୍ ପୂର୍ବାନୁମାନ ଓ ତ୍ୱରିତ ନିଷ୍ପତି ନେବାରେ ସାହାଯ୍ୟ କରିବ।




# ପୁଁଜିପତିଙ୍କ ସରକାରରେ ଉଦ୍ୟୋଗପତିଙ୍କ ଋଣଛାଡ଼ : ଭକ୍ତ

ଭୁବନେଶ୍ୱର,୧୦।୯ (ମହାଭାରତ): ବିଜେପି ବେପାରୀଙ୍କ ଦଳ। ବାରମ୍ବାର ଏଇ କଥାର ପ୍ରମାଣ ଖୋଦ୍ ତାଙ୍କ ସରକାରର ମନ୍ତ୍ରୀମାନେ ଦେଉଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ଉଦ୍ୟୋଗପତି ସୁଭାଷ ଚନ୍ଦ୍ରାଙ୍କ ୨୨ ହଜାର କୋଟିର ଋଣଛାଡ଼ କରିବାର ସପ୍ତାହେ ଯାଇନି, ଓଡ଼ିଶାର କୃଷିମନ୍ତ୍ରୀ କହୁଛନ୍ତି, କୃଷି ଋଣ ଛାଡ଼ କରିବା ନିୟମ ସରକାରଙ୍କ ନାହିଁ। ବନ୍ୟାରେ ଚାଷୀକୂଳର ମେରୁଦଣ୍ଡ ଭାଙ୍ଗିଯାଉଛି, ତେଣୁ ଋଣଛାଡ଼ ପାଇଁ ଦାବି ହେବାରୁ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଚାଷୀମାନଙ୍କୁ ଛିଗୁଲେଇକି କହିଛନ୍ତି, କୋଷ୍ଟାଲ ବେଲ୍‌ଟରେ ଚାଷକାମ ଆରମ୍ଭ ହୋଇ ନ ଥିଲା। ଯଦି ଚାଷୀଙ୍କ ପାଇଁ ଋଣଛାଡ଼ କରିବାର ବ୍ୟବସ୍ଥା ନାହିଁ, ଉଦ୍ୟୋଗପତିଙ୍କ ପାଇଁ କାହିଁକି ଋଣ ଛାଡ଼ କରୁଛ ବୋଲି ଶ୍ରୀ ଦାସ ତାଙ୍କୁ ପ୍ରଶ୍ନ କରିଛନ୍ତି।

ଅନ୍ୟ ପକ୍ଷରେ ଏମଏମଡିଆର ପ୍ରସଙ୍ଗରେ ବିଜେଡି ସହ ମିଶି କାହିଁକି କଂଗ୍ରେସ ଆନ୍ଦୋଳନ କରୁନି ବୋଲି ପ୍ରଶ୍ନର ଉତରରେ ଶ୍ରୀ ଦାସ କହିଁଥିଲେ, ଆଗ ବିଜେଡି ଗମ୍ଭୀରତାର ସହ ଏହି ପ୍ରସଙ୍ଗକୁ ନେଉ! ସେମାନେ ଏଯାଏ କେବଳ ମତମନ୍ତବ୍ୟ ଓ ଚିଠିପତ୍ରରେ ସୀମିତ ରଖିଛନ୍ତି ତାଙ୍କ ପ୍ରତିବାଦକୁ। କଂଗ୍ରେସ, ଇଣ୍ଡିଆ ବ୍ଲକ୍‌ର ସମସ୍ତ ସମଭାବାପନ୍ନ ଦଳକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛି ଓ ଆଗକୁ ଅର୍ଥନୈତିକ ଅବରୋଧ ଓ ଓଡ଼ିଶା ବନ୍ଦ ଭଳି କାର୍ଯ୍ୟକ୍ରମକୁ ନେଇ ପ୍ରସ୍ତୁତି କରୁଛି। ଏମଏମଡିଆର ବିରୋଧରେ ଲଢ଼ିବାକୁ ହେଲେ ପ୍ରଥମେ ବିଜେପି ପ୍ରତି ଭୟଭାବ ମନରୁ ଦୂର କରିବାକୁ ହେବ ବୋଲି ଶ୍ରୀ ଦାସ କହିଥିଲେ।

କଂଗ୍ରେସରୁ ନିଲମ୍ବିତ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୌସ ଆସନ୍ତା ନିର୍ବାଚନରେ ଓଜେସିରୁ ଲଢ଼ିବା ପ୍ରସଙ୍ଗରେ ଶ୍ରୀ ଦାସ କହିଛନ୍ତି, ଯଦି ଅନ୍ୟ କୌଣସି ଦଳରୁ ଲଢ଼ିବେ ବୋଲି ସୋଫିଆ ନିଷ୍ପତି ନେଇସାରିଛନ୍ତି, ସେ କଂଗ୍ରେସରୁ ଇସ୍ତଫା ଦେଇଦେବା ଉଚିତ। ଗୋଟିଏ ଦଳ ଚିହ୍ନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିବା ବେଳେ ଅନ୍ୟ ଦଳରୁ ନିର୍ବାଚନ ଲଢ଼ିବା କଥା କହିବା ଉଚିତ ନହେଁ।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡିର ଦାବିପତ୍ର

ଭୁବନେଶ୍ୱର,୧୦।୯ (ମହାଭାରତ): ଚାଲିଥିବା ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍‌ଆଇଆର୍)-୨୦୨୬ ସମୟରେ ପ୍ରକୃତ ଓ ଯୋଗ୍ୟ ଭୋଟରମାନଙ୍କ ନାମ ବାଦ୍ ଦେବା ପାଇଁ ସ୍ଥାନରୁ ମିଳିଥିବା ରିପୋର୍ଟ ଓ ଅଭିଯୋଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଛି । ପ୍ରକୃତ ଭୋଟରମାନଙ୍କ ବିରୋଧରେ, ବିଶେଷକରି ମୁସଲିମ୍, ଖ୍ରୀଷ୍ଟିଆନ୍, ବୌଦ୍ଧ ଏବଂ ଅନ୍ୟ ଯୋଗ୍ୟ



ଫର୍ମ-୭ର ଅପବ୍ୟବହାରକୁ ନେଇ ତୁରନ୍ତ କଡ଼ା ପଦକ୍ଷେପ ନେବାକୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛି ବିଜେଡି ପ୍ରତିନିଧି ମଣ୍ଡଳୀ । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଏକ ସ୍ମାରକପତ୍ରରେ ବିଜେଡି ରାଜ୍ୟ ସଂଖ୍ୟାଲଘୁ ସେଲ୍ ଓଡ଼ିଶାର ବିଭିନ୍ନ ନାଗରିକଙ୍କ ବିରୋଧରେ ଫର୍ମ-୭ ଆବେଦନ ଦାଖଲ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ଆସିଥିବା ବିଜେଡି କହିଛି । ଏସ୍‌ଆଇଆ-୨୦୨୬ ଅଧୀନରେ ଦାବି ଓ ଆପତ୍ତି ଦାଖଲ କରିବାର ସମୟସୀମା ୧୯ ଅଗଷ୍ଟ ୨୦୨୬ରେ ଶେଷ ହୋଇଛି । ତେଣୁ ଏହାପରେ ଏସ୍‌ଆଇଆର୍ ଡ୍ରାଫ୍ଟ ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ନାମ ବାଦ ପ୍ରସ୍ତାବ ପ୍ରକ୍ରିୟାକରଣ କରାଯାଉଥିଲେ, ତାହା ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ ପାଳନ କରିବା ଆବଶ୍ୟକ । କୌଣସି ପ୍ରକୃତ ଭୋଟରଙ୍କ ନାମ ବାଦ୍ ଦିଆଯିବା ଉଚିତ ନୁହେଁ । କୌଣସି ଭୋଟରଙ୍କୁ ନାମ ବାଦ ଦେବା ପୂର୍ବରୁ ତାଙ୍କୁ ନୋଟିସ୍ କରିବା, ନିଜ ପକ୍ଷ ରଖିବାର ସୁଯୋଗ ପ୍ରଦାନ କରାଯିବା ଆବଶ୍ୟକ । ବିଶେଷକରି ଯେଉଁ ଅଞ୍ଚଳରେ ସଂଖ୍ୟାଲଘୁ ଜନସଂଖ୍ୟା ଅଧିକ, ସେଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ), ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆରଓ), ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ଏବଂ ଅନ୍ୟ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ବିଜେଡି ଅନୁରୋଧ କରିଛି।

# କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ପୋଷଣ ଅଭିଯାନ

ଭୁବନେଶ୍ୱର,୧୦।୯ (ମହାଭାରତ): ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଆଜି କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ପୋଷଣ ଓ ସୁସ୍ଥ ଜୀବନଶୈଳୀ ବିଷୟବସ୍ତୁକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାରେ କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମାନତା, ସମ୍ବେଦନଶୀଳତା ଓ ସୁରକ୍ଷିତ ପରିବେଶର ଗୁରୁତ୍ୱ ସହିତ ସନ୍ତୁଳିତ ପୋଷଣ ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି ଓ ଜ୍ଞାନ ବିନିମୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଫଏସ୍ ଶ୍ରୀ ପ୍ରମୋଦ କୁମାର ମର୍କାପ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ବିଷୟବସ୍ତୁ ଉପରେ ନିଜର ମତାମତ ରଖିଥିଲେ। ଶ୍ରୀ ମିଶ୍ର ନିଜ ଅଭିଭାଷଣରେ କହିଥିଲେ ଯେ, ଲିଙ୍ଗଗତ ନ୍ୟାୟ କେବଳ ମହିଳାଙ୍କ ସହ ଜଡ଼ିତ ବିଷୟ ନୁହେଁ, ବରଂ ଉଭୟ ପୁରୁଷ ଓ ମହିଳାଙ୍କ ସମାନ ଅଧିକାର, ସୁଯୋଗ ଓ ସମ୍ମାନ ସହ ସମ୍ପର୍କିତ। କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ସଚେତନତା ବୃଦ୍ଧି ସହିତ ଏକ ସମାବେଶୀ, ସୁରକ୍ଷିତ ଓ ସମ୍ମାନଜନକ ପରିବେଶ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆଇସିସି ସମ୍ପର୍କିତ ବ୍ୟବସ୍ଥା ଓ ଅଧିକାର ବିଷୟରେ କର୍ମଚାରୀମାନେ ସଚେତନ ହେବା ସହ ଏ ସମ୍ପର୍କିତ ପ୍ରଶ୍ନ ନିର୍ଭୟରେ ପଚାରିବା ଏବଂ ଖୋଲା ମନରେ ଆଲୋଚନା କରିବାକୁ ସେ ଆହ୍ୱାନ ଦେଇଥିଲେ। 'ହଁ' କହିବାର ସ୍ୱାଧୀନତା ଯେତିକି ଗୁରୁତ୍ୱପୂର୍ଣ୍ଣ, 'ନା' କହିବାର ସ୍ୱାଧୀନତା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ଶ୍ରୀ ମିଶ୍ର କହିଥିଲେ ଯେ, 'ନା'ର ଅର୍ଥ 'ନା' ହିଁ ଏବଂ ଏହାକୁ କୌଣସି ଯୁକ୍ତି, ବ୍ୟାଖ୍ୟା କିମ୍ବା ଚାପ ଦ୍ୱାରା ପରିବର୍ତ୍ତନ କରାଯାଇପାରିବ ନାହିଁ। ଅନ୍ୟ ବ୍ୟକ୍ତିଙ୍କ ଇଚ୍ଛା, ସମ୍ମତି ଓ ବ୍ୟକ୍ତିଗତ ସୀମାକୁ ସମ୍ମାନ କରିବା ଏକ ସୁସ୍ଥ ସାମାଜିକ ଓ କାର୍ଯ୍ୟ ପରିବେଶର ମୂଳ ଆଧାର ବୋଲି ସେ କହିଥିଲେ। ଏହି ମୂଲ୍ୟବୋଧ କେବଳ କାର୍ଯ୍ୟକ୍ଷେତ୍ରରେ ସୀମିତ ନ ରହି ପାରିବାରିକ ଓ ସାମାଜିକ ଜୀବନରେ ମଧ୍ୟ ପ୍ରତିଫଳିତ ହେବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର ମତ ପ୍ରକାଶ କରିଥିଲେ। ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଫଏସ୍ ଶ୍ରୀ ପ୍ରମୋଦ କୁମାର ମର୍କାପ କହିଥିଲେ ଯେ, କ୍ଷୁଧା ଏବେ ଦାନର ବିଷୟ ନୁହେଁ, ବରଂ ଏହା ନ୍ୟାୟର ବିଷୟ। ସରକାରଙ୍କ ବିଭିନ୍ନ ଖାଦ୍ୟ ସୁରକ୍ଷା ଯୋଜନା ସତ୍ତ୍ୱେ ପୋଷଣ ଅଭାବ ଏକ ବଡ଼ ଚ୍ୟାଲେଞ୍ଜ ବୋଲି ସେ କହିଥିଲେ। ଗର୍ଭବତୀ ଓ ପ୍ରସୂତି ମା'ଙ୍କ ସମେତ ଶିଶୁମାନଙ୍କ ପୋଷଣ ପ୍ରତି ବିଶେଷ ଯତ୍ନ ନେବା ସହ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ମିଲେଟ୍ ଭଳି ପୋଷଣଯୁକ୍ତ ଖାଦ୍ୟକୁ ଦୈନନ୍ଦିନ ଖାଦ୍ୟାଭ୍ୟାସରେ ସାମିଲ କରିବା ଏବଂ କାର୍ଯ୍ୟକ୍ଷେତ୍ରରେ ପୌଷ୍ଟିକ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



# ରେଳ ସୁରକ୍ଷା, ବୈଷୟିକ ତ୍ରୁଟିର ସଂଶୋଧନ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୯ (ମହାଭାରତ): କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରେଳ ଭବନରେ ଏକ ବିସ୍ତୃତ ସୁରକ୍ଷା ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ରେଳବାଇ ବୋର୍ଡର ଅଧ୍ୟକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରେଳବାଇ ବୋର୍ଡର ସଦସ୍ୟ, ଜୋନାଲ ରେଳବାଇର ଜେନେରାଲ ମ୍ୟାନେଜର, ମହାନିର୍ଦ୍ଦେଶକ (ଡିଜି) ଏବଂ ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ୍) ଉପସ୍ଥିତ ଥିଲେ। ବୈଠକରେ ରେଳ ମନ୍ତ୍ରୀ ମିଶନ ମୋଡରେ ସିଗନାଲିଂ ସମ୍ବନ୍ଧୀୟ ବୈଷୟିକ ତ୍ରୁଟି ଦୂର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଭରହେଡ୍ ଉପକରଣ (ଓ.ଏଚ୍.ଇ.) ସମ୍ବନ୍ଧରେ, ଯେଉଁ ସ୍ଥାନରେ ସେଗୁଡ଼ିକର ନିର୍ଦ୍ଧାରିତ ସେବା ଅବଧି ସମାପ୍ତ ହୋଇଛି, ସେହି ସ୍ଥାନରେ ଉପାଦାନଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ପ୍ରତିସ୍ଥାପନ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାକୁ କୁହାଯାଇଥିଲା। ରେଳ ମନ୍ତ୍ରୀ କୋଚଗୁଡ଼ିକର ରକ୍ଷଣାବେକ୍ଷଣ, ବିଶେଷ କରି ଅଗ୍ନି ନିରାପତ୍ତା ଏବଂ ବୈଦ୍ୟୁତିକ ପରିପଥ ସମ୍ବନ୍ଧୀୟ ତାରର ରକ୍ଷଣାବେକ୍ଷଣ ଉପରେ ବିଶେଷ ଧ୍ୟାନ ଦେଇ କର୍ମଶାଳାରେ ରକ୍ଷଣାବେକ୍ଷଣ ସ୍ତରରେ ଉନ୍ନତି ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରେଳ ମନ୍ତ୍ରୀ ମଧ୍ୟ କପଲର ଏବଂ ୱାଗନ ଏବଂ କୋଚର ଚକର ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦେବାକୁ କହିଥିଲେ। ଟ୍ରାକ୍ ରକ୍ଷଣାବେକ୍ଷଣ ସମ୍ବନ୍ଧରେ, ପଏଣ୍ଟ ମେସିନ୍, ଟର୍ଣ୍ଣଆଉଟ୍ ଏବଂ ଫାଷ୍ଟନରଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯେଉଁଠାରେ କୌଣସି ଫାଷ୍ଟନର ନାହିଁ, ସେଗୁଡ଼ିକର ସ୍ଥାପନ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ନିମ୍ନମାନର ଯୋଗାଣ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ସିଗନାଲିଂ ଏବଂ ଟେଲିକମ୍ (ଏସ୍ ଆଣ୍ଡ ଟି), ଓଏଚଇ, ଟ୍ରାକ୍, କୋଚ୍ କିମ୍ବା ୱାଗନ ସମ୍ବନ୍ଧୀୟ ସାମଗ୍ରୀର ଗୁଣବତ୍ତାରେ ଯଦି କୌଣସି ତ୍ରୁଟି ଦେଖାଯାଏ ତେବେ ସମ୍ପୃକ୍ତ ଯୋଗାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାକୁ କୁହାଯାଇଛି। ଇଚ୍ଛାକୃତ ଅବହେଳା ମାମଲାରେ ସମ୍ପୃକ୍ତ ଯୋଗାଣକାରୀଙ୍କୁ ସ୍ଥାୟୀ ଭାବରେ କଳା ତାଲିକାଭୁକ୍ତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା।



# ଶିଶୁଙ୍କ ମଧ୍ୟରେ ସୁସ୍ଥ ପୋଷଣ ସଚେତନତା

ଭୁବନେଶ୍ୱର,୧୦।୯ (ମହାଭାରତ): ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଉପଯୁକ୍ତ ପୋଷଣ, ସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ ଅଭ୍ୟାସ, ବୃଦ୍ଧି ଓ କୁପୋଷଣ ନିବାରଣ ଉପରେ ଗୁରୁତ୍ୱାରୋପ କରି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) କ୍ୟାମ୍ପସ-୧ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମରେ ଏକ ପୋଷଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜାତୀୟ ପୋଷଣ ସପ୍ତାହ ପାଳନ ଅବସରରେ ଏସ୍‌ଏନ୍‌ସିର କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା, ଶିଶୁ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ କମ୍ୟୁନିଟି ହେଲ୍‌ଥ ଅଫିସର ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏସ୍‌ଏନ୍‌ସିର ପ୍ରଥମ ବର୍ଷ ଏମ୍.ଏସ୍‌ସି. ନର୍ସିଂ ଛାତ୍ରଛାତ୍ରୀମାନେ ଅଧ୍ୟାପକମାନଙ୍କ ମାର୍ଗଦର୍ଶନରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ଉପରେ କରାଯାଇଥିବା ପୋଷଣ ସମ୍ବନ୍ଧୀୟ ଆକଳନର ଫଳାଫଳ ଉପସ୍ଥାପନ କରିଥିଲେ। ଶିଶୁଙ୍କ ସୁସ୍ଥ ବୃଦ୍ଧି ଓ ସର୍ବାଙ୍ଗୀନ ବିକାଶ ପାଇଁ ସନ୍ତୁଳିତ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଖାଦ୍ୟ ପ୍ରଦର୍ଶନୀ ଏବଂ ସିଧାସଳଖ ରନ୍ଧନ ପ୍ରଦର୍ଶନ ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା। ପୁଷ୍ଟିକର, ସୁଲଭ ଓ ସ୍ଥାନୀୟ ଭାବେ ଉପଲବ୍ଧ ବିଭିନ୍ନ ଖାଦ୍ୟ ସାମଗ୍ରୀ ସଂପର୍କରେ ଅଂଶ ଗ୍ରହଣକାରୀଙ୍କୁ ଅବଗତ କରାଯିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି ଏବଂ ଶିଶୁଙ୍କ ଉପଯୁକ୍ତ ଖାଦ୍ୟ ଗ୍ରହଣ ପଦ୍ଧତି ସଂପର୍କରେ ବ୍ୟବହାରିକ ପରାମର୍ଶ ଦିଆଯାଇଥିଲା। ଚନ୍ଦକାସ୍ଥିତ ଦାରୁଠେଙ୍ଗ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍-ସେଂଟରର କମ୍ୟୁନିଟି ହେଲ୍‌ଥ ଅଫିସର ଶ୍ରୀମତୀ ମାନସୀ ମହାରଣା ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶିଶୁ କୁପୋଷଣ ରୋକିବାରେ ପରିବାର ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏସ୍‌ଏନ୍‌ସିର ଅତିରିକ୍ତ ଡିନ୍ ତଥା କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗର ମୁଖ୍ୟ ପ୍ରଫେସର ତପତୀ ସାହାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।




# ଶିକ୍ଷା, ଦକ୍ଷତା ବିକାଶ ପ୍ରତି ବେଦାନ୍ତର ପ୍ରତିବଦ୍ଧତା

ଭୁବନେଶ୍ୱର,୧୦।୯ (ମହାଭାରତ): ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଓ ଚଳିତ ବର୍ଷର ବିଷୟବସ୍ତୁ 'ଲୋକ, ସମୃଦ୍ଧି ଓ ପୃଥିବୀ ପାଇଁ ସାକ୍ଷରତା' ଅନୁସାରେ ଭାରତ ଓ ଆଫ୍ରିକାର ଅଗ୍ରଣୀ ଲୁହା ଓ ଇସ୍ପାତ ଉତ୍ପାଦନକାରୀ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍, ଗ୍ରାମୀଣ, ଦୁର୍ଗମ ଓ ଖଣି ଅଂଚଳରେ ଶିକ୍ଷା, ଡିଜିଟାଲ୍ ଶିକ୍ଷା, ବୃତି ଓ ଦକ୍ଷତା ବିକାଶ ସୁଯୋଗର ସମ୍ପ୍ରସାରଣ ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ୨୦୨୧ରୁ 'ପ୍ରୋଜେକ୍ଟ ବୃଦ୍ଧି' ଓ 'ଶିକ୍ଷା' ମାଧ୍ୟମରେ ଭିଆଇଏସଏଲର ଶିକ୍ଷାଗତ ପଦକ୍ଷେପଗୁଡ଼ିକ ଗୋଆ, ମହାରାଷ୍ଟ୍ର, କର୍ଣ୍ଣାଟକ, ଝାଡ଼ଖଣ୍ଡ ଓ ଓଡ଼ିଶାର ୨୬,୦୦୦ ରୁ ଅଧିକ ଶିଶୁଙ୍କୁ ଉପକୃତ କରିଛି। ଏହି ଅବସରରେ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡର ସିଇଓ ତଥା ପୂର୍ଣ୍ଣକାଳୀନ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, 'ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍‌ରେ ଆମେ ଏକ ବଳିଷ୍ଠ ଓ ପ୍ରଗତିଶୀଳ ରାଷ୍ଟ୍ରର ଭିତିଭୂମି ଗଠନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରୁଛୁ। ବିଭିନ୍ନ ରାଜ୍ୟରେ ଆମର ପଦକ୍ଷେପ ମାଧ୍ୟମରେ ଆମେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷାଗତ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟରେ ଯଥା ପ୍ରାରମ୍ଭିକ ଶିଶୁ ଶିକ୍ଷାରୁ ଆରମ୍ଭ କରି ଉଚ୍ଚଶିକ୍ଷା ଓ ବୃତିଗତ ଆକାଂକ୍ଷା ପର୍ଯ୍ୟନ୍ତ ସହାୟତା କରିବାକୁ ପ୍ରତିବଦ୍ଧ। ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ଆମେ ଆମର ଏହି ବିଶ୍ୱାସକୁ ଦୋହରାଉଛୁ ଯେ ଗୁଣାତ୍ମକ ଶିକ୍ଷାର ସମାନ ସୁଯୋଗ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା, ସମୁଦାୟକୁ ସୁଦୃଢ଼ କରିବା ଓ ଦୀର୍ଘକାଳୀନ ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ସ୍ଥାୟୀ ପଥ ସୃଷ୍ଟି କରିବାର ଚାବିକାଠି ଅଟେ।'

ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ର ସାକ୍ଷରତା ଯାତ୍ରା ଅନିଲ ଅଗ୍ରୱାଲ ଫାଉଣ୍ଡେସନ୍ ଆନୁକୂଲ୍ୟରେ ସ୍ଥାପିତ 'ନନ୍ଦ ଘର' ଅଭିଯାନ ମାଧ୍ୟମରେ ପ୍ରାରମ୍ଭିକ ଶିଶୁ ଶିକ୍ଷାରୁ ଆରମ୍ଭ ହୋଇଥିଲା। କମ୍ପାନି ବର୍ତମାନ ନିଜ କାର୍ଯ୍ୟକ୍ଷେତ୍ରରେ ୧୫୦ ରୁ ଅଧିକ ଅଙ୍ଗନୱାଡ଼ିକୁ ସହାୟତା ଯୋଗାଉଛି। ଶିକ୍ଷାଗତ ଫଳାଫଳକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ ଶିକ୍ଷାଗତ ସହାୟତା, ସ୍କୁଲ୍ ଭିତିଭୂମି, ପରିବହନ ଓ ଡିଜିଟାଲ୍ ସମ୍ବଳର ସୁବିଧାକୁ ସୁଧାରୁଛି। ଓଡ଼ିଶାରେ, ୨୦୨୪ ମସିହାରୁ କମ୍ପାନି ଦ୍ୱାରା ଆରମ୍ଭ କରାଯାଇଥିବା ସ୍କୁଲ ବସ୍ ପଦକ୍ଷେପ ଦ୍ୱାରା ବାର୍ଷିକ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି।

# କିମ୍ସ ସ୍ୱତନ୍ତ୍ର ସ୍ମାରକ ଡାକ କଭର ଉନ୍ମୋଚିତ

ଭୁବନେଶ୍ୱର,୧୦।୯ (ମହାଭାରତ): କିମସର ୨୦ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଡାକ ବିଭାଗ ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ସ୍ମାରକ ଡାକ କଭର ଉନ୍ମୋଚନ କରାଯାଇଛି। ଚିକିତ୍ସା ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସମାଜସେବା କ୍ଷେତ୍ରରେ କିମସର ଦୁଇ ଦଶନ୍ଧିର ଅବଦାନକୁ ଏହି ସ୍ମାରକ ଆବରଣ ମାଧ୍ୟମରେ ସମ୍ମାନ ଜଣାଯାଇଛି। ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ ଡାକ୍ତର ଓ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକର ସମାଜ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। ସେ ଡାକ୍ତରମାନଙ୍କୁ 'ଦେଶ ଓ ଜନସାଧାରଣଙ୍କ ସେବାରେ ନିୟୋଜିତ ଦେବଦୂତ' ଭାବେ ବର୍ଣ୍ଣନା କରିଥିଲେ। କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ ଶ୍ରୀ ସାମନ୍ତଙ୍କ ଜୀବନ ଦେଶସେବା ପାଇଁ ସମର୍ପିତ ବୋଲି ଶ୍ରୀ ସିଂହ କହିଥିଲେ। ଭାରତୀୟ ଡାକ ବ୍ୟବସ୍ଥାର ବ୍ୟାପକତା ସଂପର୍କରେ ସେ କହିଲେ, ଦେଶରେ ପ୍ରାୟ ୧ ଲକ୍ଷ ୬୪ ହଜାର ଡାକଘର ରହିଛି, ଯାହା ବିଶ୍ୱର ସର୍ବବୃହତ ଡାକ ନେଟୱର୍କ। ଏଥିରୁ ପ୍ରାୟ ୮,୯୦୦ ଡାକଘର ଓଡ଼ିଶାରେ ରହିଛି। ଜୀବନର ପ୍ରତ୍ୟେକ କ୍ଷେତ୍ର ସହ ଆମେ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି ସେ କହିବା ସହ ଭାରତୀୟ ଡାକ ବିଭାଗ ବର୍ତ୍ତମାନ ନାଗରିକକୈନ୍ଦ୍ରିକ ସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଏବଂ ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେଉଥିବା କହିଥିଲେ। କିମସ ମେଡ଼ିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଆର.ସି. ଦାସ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ବୋଲି ଅଭିହିତ କରିଥିଲେ। ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁଁ କିମସ ଆଜି ଅନ୍ୟତମ ଅଗ୍ରଣୀ ମେଡିକାଲ କଲେଜ ହସ୍‌ପିଟାଲ୍ ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି ସେ କହିଥିଲେ। କିମସର ୨୦ ବର୍ଷ ପୂର୍ତ୍ତି ଏହାର ଯାତ୍ରାର ଅନ୍ତ ନୁହେଁ, ବରଂ ଏକ ନୂଆ ଯାତ୍ରାର ଆରମ୍ଭ ବୋଲି ସେ ମତ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ, କିମସ ପୂର୍ବ ଭାରତର ଅନ୍ୟତମ ବୃହତ୍ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରତିଷ୍ଠାନ ଭାବେ ଉଭା ହୋଇଛି। ଚିକିତ୍ସା ପର୍ଯ୍ୟଟନର ବଢ଼ୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଲେ, ପ୍ରତିବର୍ଷ ପ୍ରାୟ ୪ରୁ ୫ ଲକ୍ଷ ବିଦେଶୀ ନାଗରିକ ଚିକିତ୍ସା ପାଇଁ ଭାରତକୁ ଆସୁଛନ୍ତି। ଓଡ଼ିଶାକୁ ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ଗନ୍ତବ୍ୟସ୍ଥଳୀ ଭାବେ ପ୍ରତିଷ୍ଠିତ କରିବାରେ କିମ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ୍ ଅଫ୍ ମେଡିସିନ୍‌ର ପ୍ରୋ-ଭାଇସ୍ ଚାନ୍ସେଲର ଡା. ସି.ବି.କେ. ମହାନ୍ତି, ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର.ଏନ୍. ସାମନ୍ତ, କିମ୍ସର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଏମ୍.ଆର. ବେହେରାଙ୍କ ସମେତ ବହୁ ବରିଷ୍ଠ ଡାକ୍ତର, ଛାତ୍ରଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



# ଡିଜିଟାଲ ବ୍ୟାଙ୍କିଙ୍ଗ

ବିମୁଦ୍ରିକରଣର ଦ୍ୱାରା ଅନେକ ନକଲି ନୋଟ କାରବାର କମିଗଲା। ଏହା ଦ୍ୱାରା କେତେ କଳାଟଙ୍କା ପଦାକୁ ଆସିଲା, ବିମୁଦ୍ରିକରଣର ଉଦ୍ଦେଶ୍ୟ କେତେ ସଫଳ ହେଲା ତାହା ବିତର୍କର ବିଷୟ। କିନ୍ତୁ ଏହା ଦ୍ୱାରା ଭାରତରେ ଡିଜିଟାଲ ଅର୍ଥନୀତିର ଯୁଗ ଆରମ୍ଭ ହେଲା। ଏହା ସହିତ ଏକ ନୂଆ ଆତଙ୍କବାଦ ମଧ୍ୟ ଆରମ୍ଭ ହୋଇଛି। ତାହା ହେଲା ସାଇବର କ୍ରାଇମ। ଲୋକଙ୍କ ସଂଚିତ ଅର୍ଥକୁ ଲୁଟ କରିବା ପାଇଁ ସାଇବର ଅପରାଧୀମାନେ କଳବଳ କୌଶଳ ପ୍ରୟୋଗ କରୁଛନ୍ତି। ତେବେ ସେ ଯାହା ହେଉନା କାହିଁକି ଏବେ ଭାରତ ବିଶ୍ୱର ବୃହତ୍ତମ ଡିଜିଟାଲ ଅର୍ଥନୀତିର ମାନ୍ୟତା ପାଇଛି। ଅତି ସାଧାରଣ ବ୍ୟକ୍ତି ମଧ୍ୟ ନଗଦ କାରବାର ଅପେକ୍ଷା ଡିଜିଟାଲ କାରବାରକୁ ପସନ୍ଦ କରୁଛନ୍ତି। ବମୁଦ୍ରିକରଣ ପରେ ଅଧିକ ବ୍ୟକ୍ତି ଆୟକର ପରିସୀମା ଭିତରକୁ ଆସିଲେ। ଡିଜିଟାଲ କାରବାର ଦ୍ୱାରା ଆୟ ଲୁଚାଇବା ମଧ୍ୟ ଆଉ ସମ୍ଭବ ହେଉନାହିଁ। ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଲାଗି ଦୁଇ ବର୍ଷ ତଳେ ଆରବିଆଇ ଇ-ରୁପି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହା ଦେଶରେ ନଗଦ କାରବାରକୁ କମାଇବା ସହ ଡିଜିଟାଲ କାରବାରକୁ ସମୃଦ୍ଧ କରିବ ବୋଲି ଆଶା।୨୦୧୬ରେ ହୋଇଥିବା ବିମୁଦ୍ରିକରଣର ଏହା ହିଁ ଉଦ୍ଦେଶ୍ୟ ଥିଲା। ନଗଦ କାରବାର ଯେତେ କମିବ ଅର୍ଥ ବ୍ୟବସ୍ଥା ସେତେ ସୁଦୃଢ଼ ହେବ, ସ୍ୱଚ୍ଛତା ବଜାୟ ରହିବ ଏବଂ ଜାଲ ନୋଟ କାରବାର ବନ୍ଦ ହେବ। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ଟଙ୍କିଆ ନୋଟକୁ ଅଚଳ କରିଦେଇଥିଲେ। କଳାଧନ ଏବଂ ଜାଲି ନୋଟ କାରବାରକୁ ରୋକିବା ଥିଲା ଏହାର ଉଦ୍ଦେଶ୍ୟ। ଏହା ସହିତ ନଗଦ କାରବାର ପ୍ରତିବଦଳରେ ଡିଜିଟାଲ କାରବାରକୁ ସମ୍ପ୍ରସାରିତ କରିବା ଥିଲା ଏହାର ଏକ ପ୍ରମୁଖ ଉଦ୍ଦେଶ୍ୟ। ତେବେ ଏହା ଦ୍ୱାରା ଗରିବ ଲୋକେ ବିଶେଷ ଭାବେ ପ୍ରଭାବିତ ହେଲେ। ଅନେକ ଶିଳ୍ପ ଏବଂ ବ୍ୟବସାୟିକ ସଂସ୍ଥା ଠପ ହୋଇଗଲା। କିନ୍ତୁ ଅନ୍ୟ କେତେକଙ୍କ ମତରେ ଭାରତରେ ଡିଜିଟାଲ କାରବାର ବୃଦ୍ଧି ଲାଗି ଏହା ବାଟ ଫିଟାଇ ଦେଲା। ବିମୁଦ୍ରିକରଣ ପରେ ଅନେକ ପୁରୁଣା ଟଙ୍କାରେ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିଦେଲେ। ବର୍ଷ ବର୍ଷ ଧରି ଅନେକ ଟିକସ ଦେଉନଥିଲେ। ତାହା ତତ୍କାଳ ପ୍ରଦାନ କରିଦେଲେ। ଏହା ସହିତ ବ୍ୟାଙ୍କରେ ବିପୁଳ ଅର୍ଥ ଜମା ହେଲା ଏବଂ ଅନେକ ଆୟକର ସୀମା ଭିତରକୁ ଆସିଲେ। ନିକଟରେ ଆରବିଆଇ ମନିଟାରୀ ପଲିସି କମିଟିର ଜଣେ ସଦସ୍ୟ କହିଛନ୍ତି ବିମୁଦ୍ରିକରଣ ପରେ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଡିଜିଟାଲ କାରବାର ଯୋଗୁ ଏହା ସମ୍ଭବ ହୋଇଛି। ଲଗାତର ଜିଏସଟି ସଂଗ୍ରହ ୧ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ପରିମାଣ ୨୬ ପ୍ରତିଶତ ବଢ଼ିଛି। ଏହା କିଛି କମ କଥା ନୁହେଁ। ରାଜସ୍ୱ ସଂଗ୍ରହ ବଢ଼ିବା ଦ୍ୱାରା ସରକାର ବିକାଶମୂଳକ କାର୍ଯ୍ୟରେ ଏହାର ବିନିଯୋଗ ବୃଦ୍ଧି କରିପାରିବେ। ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୭୫ଟି ଜିଲ୍ଲାରେ ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟର ଲୋକାର୍ପଣ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ଲୋକାର୍ପିତ ହୋଇଥିଲି। ମାତ୍ର ୬ ମାସରେ ଏହିସବୁ ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟ ପ୍ରତିଷ୍ଠା ହୋଇଥିଲା। ଏହି ସବୁ ବ୍ୟାଙ୍କ କେବଳ ଡିଜିଟାଲ କାରବାର ଉପରେ ପର୍ଯ୍ୟବେସିତ। ପେପରଲେସ ପ୍ରକ୍ରିୟାରେ ଏସବୁ କାର୍ଯ୍ୟ କରିବ। ଭବିଷ୍ୟତରେ ଦେଶର ଅଧିକ ଅଞ୍ଚଳକୁ ଏହା ସମ୍ପ୍ରସାରିତ ହେବ। ଅଧିକରୁ ଅଧିକ ବ୍ୟାଙ୍କ ଶାଖା ଡିଜିଟାଇଜେସନ ପ୍ରକ୍ରିୟାରେ ସାମିଲ ହେବ। ଏମିତି ଦେଶର ସବୁ ବ୍ୟାଙ୍କରେ ଏବେ ଡିଜିଟାଲ ପ୍ରକ୍ରିୟା ଚାଲିଛି। କିନ୍ତୁ ଅନେକ ଲୋକ ଏ ସମ୍ପର୍କରେ ଶତ ପ୍ରତିଶତ ସଚେତନ ବା ଅଭ୍ୟସ୍ତ ନୁହଁନ୍ତି।

# ଗାନ୍ଧୀ ବିଚାରଧାରା

॥ ଦାଶରଥୀ ଶତପଥୀ ॥

" ପରାଧିନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶ ସେବାରେଉତ୍ସର୍ଗ କରିଦେଇଥିଲେ ଏବଂ ପରାଧିନତାରନିରାଶା ଭିତରେ ସ୍ୱାଧିନତାର ଆଶା ସଂଚ୍ଚାର କରାଇବରେ ସଫଳ ହୋଇଥିଲେ। ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧିନତା ସଂଗ୍ରାମରେ ନିଜକୁ ଭାଗିଦାରୀ କରାଇବା ନଥିଲା କେବେହେଲେ ଉନ୍ମାଦନା,ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାର।

ଆମ ଦେଶ ଭାରତବର୍ଷ ବିଶ୍ୱର ସର୍ବବୃହତ ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ଦେଶର ସମ୍ବିଧାନ ସଂପୁର୍ଣ୍ଣ ଲୋକାଭିମୁଖୀ ଓ ବିଶ୍ୱରେ ବିରଳ । ଯେଉଁଥିପାଇଁ ଆମେ ଭାରତବାସୀ ବିଦେଶରେ ପ୍ରଂଶସିତ । ପ୍ରାଚୀନ ଭାରତ ବର୍ଷରେ ସାଧାରଣତନ୍ତ୍ର ପରିଚ୍ଛଳିତ ଗଣରାଜ୍ୟ ସୃଷ୍ଟି ହୋଇଥିଲା ଏବଂ ଶାସକମାନେ ପ୍ରଜାମନରେ ଧର୍ମଭାବ, ସ୍ୱାଧୀନଚିନ୍ତା, ପରୋପକାର, ସ୍ୱଦେଶପ୍ରେମ ପ୍ରଭୃତି ଚିନ୍ତା ସୃଷ୍ଟି କରିପାରିଥିଲେ ଏବଂ ଗଣତନ୍ତ୍ର ସୁଦୃଢ ହୋଇରହିପାରିଥିଲା । ବିଦ୍ୱାନମାନଙ୍କ ମତରେ, ଗଣତନ୍ତ୍ର ହେଉଛି ଏକ ଶାସନ ଯେଉଁଥିରେ ସମାଜର ସବୁଠାରୁ ତଳେ ଥିବା ଲୋକଟିର ମଧ ସରକାର ଗଢିବାର ସମାନ ଅଧିକାର ଥାଏ । ସମସ୍ତେ ଏଠାରେ ସମାନ ଓ ସ୍ୱାଧିନ ଭାବରେ ଏବଂ ଦେଶ ଓ ରାଜ୍ୟର ଉନ୍ନତି ପାଇଁ ସମସ୍ତେ ଭାଗୀଦାର ହୋଇପାରିଥାନ୍ତି।

ଇତିହାସ କହେ ବିଦେଶୀମାନଙ୍କର ଭାରତବର୍ଷ ପ୍ରବେଶ ଉପରେ ଅଖଣ୍ଡ ଭାରତ ବର୍ଷରେ ଚ୍ଛଳିଥିବା ସୁବର୍ଣ୍ଣ ଯୁଗର ଗତିବିଧି କ୍ରମେ କ୍ରମେ ଧୂଳିସାତ୍ ହେବାକୁ ଲାଗିଲା । ଯୁଦ୍ଧଲୋଲୁପ ବିସ୍ତାରବାଦୀ, ଲୁଣ୍ଠନକାରୀ ବିଦେଶୀ ଭାରତ ବର୍ଷକୁ ତିଳ ତିଳ କରି ଲୁଣ୍ଠନ କରିବାକୁ ଲାଗିଲେ ଏବଂ ବିଦେଶୀ ଧର୍ମଧାରଣକୁ ନେଇ ଯୋର ଜବରଦସ୍ତ ଶାସନ ଲଦିବାରେ ସଫଳ ହେଲେ ଓ ଶାସ୍ତ୍ର ବଦଳରେ ବନ୍ଧୁକ ମୁନରେ(ଶସ୍ତ୍ରରେ) ଶାସନ ଚ୍ଛଳିଲା । ଭାରତୀୟ ଗଣତନ୍ତ୍ରର ମୁଳମନ୍ତ୍ରରେ ପ୍ରତିଫଳିତ ସତ୍ୟ, ଅହିଂସା, ନ୍ୟାୟ, ସ୍ୱାଧିନତା, ସାମ୍ୟ ଓ ମୈତ୍ରୀ ଭାବଧାରାର ଦିଗ ପରିବର୍ତ୍ତନ ହୋଇଗଲା । ବିଦେଶୀ ଶାସନ ଓ ତାଙ୍କ କୁଚକ୍ରାନ୍ତରେ ବିରାଟ ଭାରତବର୍ଷ ଖଣ୍ଡବିଖଣ୍ଡିତ ଅବସ୍ଥାକୁ ଆସି ତାର ସଂସ୍କୃତି ଓ ପୂର୍ବଗୌରବ ଅସ୍ତିତ୍ୱହୀନ ହୋଇପଡିଲା । ପରାଧୀନ ଭାରତ ବର୍ଷର ସମାଜର ଚିତ୍ର ଧିରେ ଧିରେ କଳୁଷିତ ହେବା ସହ, ବିଦେଶୀ ଶାସନ ପ୍ରଭାବରେ ନାଗରିକମାନେ ଦୁଃଖ, ଦୁର୍ଦ୍ଦଶାରେ ରହି ତ୍ରାହି ତ୍ରାହି ଡାକିଲେ ।

ଏକଛତ୍ରବାଦ ଶାସନ ଭିତରେ ଶାସିତ ହୋଇ ଖଣ୍ଡ ଖଣ୍ଡ ଅବସ୍ଥାରେ ଭାରତ ବର୍ଷ ନିଜର ମୌଳିକତା ଓ ନୈତିକତା ହରାଇ ବସିଥିଲା ସତ କିନ୍ତୁ ଦୀର୍ଘ ବର୍ଷର ସଂଗ୍ରାମରେ ରାଜତନ୍ତ୍ର ଛାୟାରେ ରହି ମଧ ସତ୍ୟ, ଅହିଂସା, ନ୍ୟାୟ ଓ ନେତୃତ୍ୱ ବଳରେ ଗଣତନ୍ତ୍ରର ପ୍ରତିଷ୍ଠା ଓ ବିକାଶ କେବଳ ସାରା ପୃଥିବୀରେ ଭାରତ ବର୍ଷରେ ସମ୍ଭବ ହୋଇପାରିଥିଲା ଯାହାର ମୁଖ୍ୟ ନାୟକ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ, ଯିଏକି ଜଣେ ନୀତିନିଷ୍ଠ, ଯୁଗସ୍ରଷ୍ଟା, ଦେଶପ୍ରେମୀ, ସତ୍ୟ ଓ ଅହିଂସାର ପୂଜାରୀ,ପ୍ରଗାଢ ଆଧାତ୍ମିକବାଦୀ ଓ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ।

ପରାଧିନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶ ସେବାରେଉତ୍ସର୍ଗ କରିଦେଇଥିଲେ ଏବଂ ପରାଧିନତାରନିରାଶା ଭିତରେ ସ୍ୱାଧୀନତାର ଆଶା ସଂଚ୍ଚାର କରାଇବରେ ସଫଳ ହୋଇଥିଲେ । ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧିନତା ସଂଗ୍ରାମରେ ନିଜକୁ ଭାଗିଦାରୀ କରାଇବା ନଥିଲା କେବେହେଲେ ଉନ୍ମାଦନା,ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାର । ଯାହାର ଅଲୌକିକ ଶକ୍ତିର ଆକର୍ଷଣରେ ଅଗଣିତ ନରନାରୀ ନିଜର ଭିଟାମାଟି ଓ ବୃତ୍ତି ଛାଡି ସତ୍ୟ ଓ ଅହିଂସା ପଥରେ ରହି ନିର୍ମଳ ହୃଦୟରେ ଦେଶ କାର୍ଯ୍ୟରେ ନିଜକୁ ସମର୍ପିତ କରି ସ୍ୱାଧିନତା ପାଇଁ ବିପ୍ଳବ କରିଉଠିଥିଲେ । ଯେଉଁ ବିପ୍ଳବରେ ସଂଜିବୀତ ହୋଇଥିଲା ସମାଜରୁ ସବୁପ୍ରକାର ବୈଷ୍ୟମ ଓ ବିଭେଦ ଦୂରକରି ଦଳିତ, ଶୋଷିତ, ଅତ୍ୟାଚ୍ଛରିତ ଲୋକଙ୍କୁ ସମାଜରେ ସମାନ ସୁବିଧା ସୁଯୋଗର ଅଧିକାର ଓ ନ୍ୟାୟ ପାଇଁ ଏକ ନୂଆ ସମାଜ ଗଢିବାର ଅପ୍ରତିହତ ସଂକଳ୍ପ ।

ସତ୍ୟ ହିଁ ଇଶ୍ୱର,ଶ୍ରମ ହିଁ ଉପାସନା, ବ୍ୟକ୍ତି ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରି ରାଷ୍ଟ୍ର ଜୀବନକୁ ସମୃଦ୍ଧ କରିବା ସମ୍ମାନଜନକ ଓ ସମତୁଲ କରିବା ପାଇଁ ସତ୍ୟାଗ୍ରହଥିଲା ତାଙ୍କର ପ୍ରକୃଷ୍ଟ ମାର୍ଗ । ଏହି ମାର୍ଗରେ ସମଗ୍ର ଭାରତ ବର୍ଷକୁ ଏକତ୍ରୀତ କରି ବିଦେଶୀ ହାତରୁ ଶାସନ କ୍ଷମତା ଛଡାଇ ଆଣିବା ଥିଲା ତାଙ୍କ ଦର୍ଶନର ମୂଳ ଲକ୍ଷ୍ୟ; ଯେଉଁ ଦର୍ଶନରେ ଥିଲାସ୍ନେହ, ଶ୍ରଦ୍ଧା ଓ ମଣିଷକୁ ମଣିଷ ପରି ସମ୍ମାନବୋଧ କରିବା ଏବଂ ଆମ ଦେଶ ଭାରତ ବର୍ଷ ଏପରି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେବ ଯେଉଁଥିରେ କୌଣସି ବ୍ୟକ୍ତି ନିଜର ଧର୍ମ,ଜାତି, ଲିଙ୍ଗ ଓ ଧନୀଦରିଦ୍ର ଭିତରେ ଭେଦଭାବର ସରବ୍ୟ ହେବନାହିଁ ।

ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ଆଦରି ନେଇ ଦେଶକୁସ୍ୱାଧିନତାରସ୍ୱାଦ ଚଖାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଜନମାନସରେ ସମସ୍ତଙ୍କର ହୃଦୟକୁ ଜିଣିବାର ଶକ୍ତି ଓ ବ୍ରତରେ ବ୍ରତୀ ଥିଲେ, ସଂଯମୀ, ନିର୍ଭୀକ, ଶାନ୍ତିକାମୀ ଜୀବନ ଥିଲା ଅଲୌକିକ । ସଂପୁର୍ଣ୍ଣରୂପେ ଭୟଶୂନ୍ୟ, ପ୍ରଗାଢ ଇଶ୍ୱର ବିଶ୍ୱାସୀ, ଆଧାତ୍ମିକଚେତନାଧାରୀ ବ୍ୟକ୍ତିଭାବେ ହସି ହସି କାରା, ଗୁଳି, ଲାଠିର ସାମନା କରୁଥିଲେ । ସତ୍ୟାଗ୍ରହ ହେଉକି, ସ୍ୱଦେଶୀ ଆନ୍ଦୋଳନ ହେଉ ନିଜର ସକାରାତ୍ମକ ଗଠନମୂଳକ ଶକ୍ତିଦ୍ୱାରା ଦୁଷ୍ଟଶକ୍ତିକୁ ପରାସ୍ତକରି ସମସ୍ତଙ୍କୁ ସତ୍ୟ, ପ୍ରେମ ଓ ଅହିଂସା ବଳରେ ଏକତ୍ରିତ କରିପାରିଥିଲେ ।

ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା, ଗାଁକୁ ଫେରିଚ୍ଛଲ, କର୍ମ ହିଁ ଭଗବାନ, ଚରିତ୍ରଯୁକ୍ତ ଶିକ୍ଷା, ଖଦୀ ଗ୍ରାମୋଦ୍ୟୋଗ, ସ୍ୱଦେଶୀ ଜିନିଷ ବ୍ୟବହାର, ଆତ୍ମର୍ନିଭରଶୀଳତା ସହିତ କୁଟୀର ଶିଳ୍ପ, କୃଷି ଓ ଜଙ୍ଗଲ ଭିତ୍ତିକ ଶିଳ୍ପର ବିକାଶ ଆଦିରେ ଆର୍ଥିକ ଉନ୍ନତି, ତାଙ୍କ ଦର୍ଶନର ମୂଳ ଆଧାରରୂପେ ପରଗଣିତ ହୋଇଥିଲା । ନାରୀ ସ୍ୱାଧିନତା,ନାରୀ ଶିକ୍ଷା ପାଇଁ ସେ ଅଧିକ ଗୁରୁତ୍ୱ ଦେଉଥିଲେ, ଯାହାଫଳରେ ଜଣେ ନାରୀ ଶିକ୍ଷିତ ହେଲେ ସମାଜରେ ନିଜର ଅଧିକାର ସାବ୍ୟସ୍ତ କରିପାରିବ ଏବଂ ତାଙ୍କର ସହନଶୀଳନା ତ୍ୟାଗ ଓ ସେବା ମନଭାବରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ।

ଗାନ୍ଧୀ ଆଦର୍ଶରେ କେବଳ ଯେ ଭାରତୀୟମାନେ ପ୍ରଭାବିତ ହୋଇଛନ୍ତି ତାହାନୁହେଁ, ବିଶ୍ୱର ତୁଙ୍ଗ ନେତାମାନେ ଯେମିତିକି ମାର୍ଟିନଲୁଥର କିଙ୍ଗ, ବାରାକ ଓବାମା ଓ ନେଲସନ ମାଣ୍ଡେଲା ପ୍ରମୁଖ ତାଙ୍କ ବ୍ୟକ୍ତିତ୍ୱରେ ଗଭୀରଭାବେ ପ୍ରଭାବିତ ହୋଇଥିଲେ ।

ଏହି ମହାମାନବଙ୍କ ସଂପର୍କରେ ଥରେ ଆଲବର୍ଟ ଆଇନଷ୍ଟାଇନ କହିଥିଲେ :- ରକ୍ତ, ମାଂସଧାରୀ ଏଭଳି ଜଣେ ବିସ୍ମୟ ମାନବ ଏକଦା ଏ ଧରାପୃଷ୍ଠରେ ଜନ୍ମ ନେଇଥିଲେ ବୋଲି ହୁଏତ ଭବିଷ୍ୟତର ବଂଶଧରମାନେ କ୍ୱଚିତ୍ ବିଶ୍ୱାସ କରିବେ । ଇତିହାସରଅନ୍ଧାର ଗର୍ଭରେ ଅନନ୍ତକାଳ ଲାଗି ସେ ଜଣେ ଅନନ୍ୟ ଉଦୟମାନ ସୂର୍ଯ୍ୟଭାବେ ତଥା ବିଶ୍ୱମାନ୍ୟତାରେ ଏକବିଂଶ ଶତାବ୍ଦୀର ବିଶ୍ୱର ଶ୍ରେଷ୍ଠ ମାନବଭାବେ ପରିଚିତ ହୋଇଥିଲେ । ଆସନ୍ତୁ ସେହି ମହାନ ବ୍ୟକ୍ତିର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ପାଇଁ ସମସ୍ତେ ବଦ୍ଧ ପରିକର ହେବା ।

ସଚିବ
ଓଡିଶା ବିଧାନସଭା
ମୋବାଇଲ ନଂ- ୯୪୩୮୦୮୧୭୧୩

# ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ

॥ ସମ୍ବିତ କୁମାର ସ୍ୱାଇଁ ॥

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି - 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି। ବୃକ୍ଷର ତଳେ ଜେହ୍ନେ ଆସି, ପଥକୁ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାଦିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ।

ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ମୁଁ ଲେଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ମୋ ଜନ୍ମଦାତା ଶାରଦା ପ୍ରସାଦ ସ୍ୱାଇଁ ଏହିପରି ଏକ ଜୀବନର ମୁକ୍ତିମନ୍ତ ପ୍ରତୀକ ଥିଲେ ଏହି ମହନୀୟ ବ୍ୟକ୍ତିତ୍ୱ। ମନେପଡୁଛି ଏକ ବହିର ଧାଡ଼ିଟି - ''ଅବନ୍ଧୁ ଜୀବନ ଅସୁର୍ଯ୍ୟମହୀ ଦେହ ଧରି କିଏ ପାରଇ ରହି।''

ଯଥାର୍ଥରେ କୁହାଯାଏ ବ୍ୟକ୍ତିତ୍ୱ ବ୍ୟକ୍ତିର ପରିଚୟ ବ୍ୟକ୍ତିତ୍ୱରୁ ଚିହ୍ନିତ ହୁଏ ପ୍ରତିଭା, ଉତ୍କର୍ଷ ଓ ସ୍ୱାତନ୍ତ୍ର୍ୟ। ଜଣ ଜଣଙ୍କର ସ୍ୱତନ୍ତ୍ର ଓ ଉତ୍କର୍ଷ ସାମାଜିକ ଜୀବନକୁ ସେବା ମନୋଭାବ ସମ୍ପନ୍ନ ଶ୍ରେଷ୍ଠତା ଜୀବନକୁ କରେ ମହିମାନ୍ୱିତ। ସମସ୍ତେ ଏକ ପ୍ରକାର ଜନ୍ମ ଲାଭ କରିଥିଲେ ବି ବ୍ୟକ୍ତିତ୍ୱ ଭିନ୍ନ ପ୍ରକାର ହୋଇଥାଏ। ସେହିଭଳି ସ୍ମୃତିମାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଶାରଦା ପ୍ରସାଦ ସ୍ୱାଇଁ। ଶାରଦା ପ୍ରସାଦ ସ୍ୱାଇଁଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଉଗାଳପୁର ଗ୍ରାମ। ଆମ ଜିଲ୍ଲାର ଆରାଧ୍ୟ ଦେବୀ ମା' ଶାରଳା ହେଉଛନ୍ତି ତାଙ୍କର ଇଷ୍ଟଦେବୀ ଓ ସବୁବେଳେ ସେ ମାଆଙ୍କ ପୂଜାର୍ଚ୍ଚନାରେ ନିଜକୁ ବ୍ୟସ୍ତ ରଖୁଥିଲେ। ଯେଉଁ ମୁହଁର ତେଜଦୀପ୍ତ ଚାହାଣି ଆଜି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛି କର୍ତ୍ତବ୍ୟନିଷ୍ଠତାର ସାଧୁତାର ପ୍ରତିପାଦନ କରିବା ପାଇଁ ମାନବୀୟ ମୂଲ୍ୟବୋଧ ଜୀବନ ବଞ୍ଚିବାର କଳାନିମିତ୍ତ। ତାଙ୍କ ଗୃହସ୍ଥ ଧର୍ମର ଆଦର୍ଶରେ ମୋ ଧର୍ମପତ୍ନୀ ଶିବସ୍ନିଗ୍ଧା, ନାତୁଣୀ ବ୍ରିଟିକା, ଭଉଣୀ ସୋନାଲୀ ସ୍ୱାଇଁ ଓ ଭିଣୋଇ ରାହୁଲ ଜେନା ପ୍ରତିଷ୍ଠିତ ହୋଇପାରିଛନ୍ତି ଏକ ଆଦର୍ଶଣୀୟ ସମାଜରେ। ଆଜି ବାପାଙ୍କ ଅବର୍ତ୍ତମାନରେ ମୋ ମାଆ ଗୀତାରାଣୀ ହିଁ ମୋତେ ଧୈର୍ଯ୍ୟ, ସାହାସ ପ୍ରଦାନ କରୁଛନ୍ତି।

ବାପାଙ୍କ ଦୁଇ ଭଣଜା ସେସ୍କୋର ଏସଡିଓ ଇଞ୍ଜିନିୟର ସନ୍ତୋଷ ଖୁଣ୍ଟିଆ, ଡକ୍ଟର ଦେବୀଦତ୍ତ ପ୍ରଧାନ ଓ ନିହାର ରଞ୍ଜନ ରାଉତ ଅତ୍ୟନ୍ତ ମ୍ରିୟମାଣ। କେବଳ ସେତିକି ନୁହେଁ ମୋର ଭାତୃତୁଲ୍ୟ ପଡ଼ୋଶୀ ଜଗନ୍ନାଥ ଦାସ, ସମାଜସେବୀ ଶ୍ରୀଧର କୁମାର ରାଉଳ, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବିଜୟ କୁମାର ଶତପଥୀ, ନିରଞ୍ଜନ ବାରିକ, ନରୋତ୍ତମ ସାମଲ, ଶ୍ରୀଧର କୁମାର ସାହୁ, ସୁନୀଲ କୁମାର ବେହେରା, ରଜତ କୁମାର ବୋଷ, ସନାତନ ନାୟକ, ମନୋଜ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ସମସ୍ତେ ତାଙ୍କୁ ମନେପକଉଛନ୍ତି ତାଙ୍କ ପରପୋକାର ଓ ମମତାର ବନ୍ଧୁବତ୍ସଳତା ପାଇଁ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଇଷ୍ଟଦେବୀ ମା'ଶାରଳାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅନେକ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା, ନିଜ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଲେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି ତାହା କେବଳ ପ୍ରତିଟି ଆଧାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଭଗବାନ ତାଙ୍କର ଅସଂଖ୍ୟ ଛାଞ୍ଚ ଭିତରୁ ଗୋଟିଏ ଦିବ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଦିବ୍ୟ ଛାଞ୍ଚ ବାଛି ସେଥିରେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁଙ୍କୁ ଗଢ଼ି ମୂଳରୁ ସଂପୂର୍ଣ୍ଣ କରି ଓ ସମ୍ପନ୍ନ କରି ତାଙ୍କୁ ଏ ପୃଥିବୀକୁ ପଠାଇଛନ୍ତି ବୋଲି ମୋର ଧାରଣା ହୁଏ। ସୁଖ ଶରୀରରେ ମିଳେ। ଶାନ୍ତି ମନରେ ମିଳେ ଆଉ ହୃଦୟରେ ମିଳେ ଆନନ୍ଦ।

ଜୀବନ ଭିତରେ ଯେଉଁ ଯଶ ଓ କୀତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଜଣେ ମହାମନିଷୀଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି 'ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।' ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ'ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ପ୍ଲଟ ନଂ-୭ଜିଏଚ/ ୧୩୫୩, ଡି-୧୮, ସେକ୍ଟର-୯, ସିଡିଏ , କଟକ, ଦୂରଭାଷ : ୯୦୪୦୬୬୧୬୩୦ / ୭୦୦୮୨୨୬୨୧୩

# କାହାଣୀ ଶୁଣାନ୍ତୁ ପିଲାଙ୍କୁ

॥ ଜୟନ୍ତୀ ପଣ୍ଡା ॥

ଆଜି ଯେଉଁମାନଙ୍କୁ ମହାମାନବ କୁହାଯାଉଛି, ସେମାନଙ୍କ ବାଲ୍ୟକାଳରେ ସେମାନେ ଯେ ଏହି ସ୍ତରରେ ପହଞ୍ଚିବେ ତାହା କେହି କଳ୍ପନ କରିନଥିଲେ । ଏପରିକି ସେମାନଙ୍କର ପିତା, ମାତା ମଧ୍ୟ । ତେବେ ପିଲାମାନଙ୍କର ବ୍ୟକ୍ତିତ୍ୱ ଗଠନ କରିବା ପାଇଁ ସେମାନଙ୍କ ପିତାମାତା ଆନ୍ତରିକ ପ୍ରୟାସ କରୁଥିଲେ । ପିଲାଙ୍କ ବ୍ୟକ୍ତିତ୍ୱ ଗଠନର ଏକ ଉତ୍ତମ ପ୍ରୟାସ ହେଉଛି କାହାଣୀ । ଅର୍ଥାତ୍ ପିଲାଙ୍କୁ କାହାଣୀ ଶୁଣାଇବା । ଇତିହାସରେ ଏହାର ଶହ ଶହ ଦୃଷ୍ଟାନ୍ତ ରହିଛି । ଗୋଟିଏ କାହାଣୀ ହେଉଛି - ପଞ୍ଚତନ୍ତ୍ରର ମନ୍ଦବୁଦ୍ଧିଯୁକ୍ତ ଅଯୋଗ୍ୟ ରାଜକୁମାର । ରାଜାପୂର୍ଣ୍ଣତଃ ନିରାଶ ହୋଇଯାଇଥିଲେ । ସବୁ ପ୍ରକାର ଉପାୟ କରାଗଲେ ସୁଦ୍ଧା କୌଣସି ପ୍ରକାରେ ରାଜକୁମାରଙ୍କୁ ଯୋଗ୍ୟ କରାଯାଇପାରିଲା ନାହିଁ । ଅନ୍ତିମ ପ୍ରୟାସ ରୂପେ ରାଜ୍ୟରେ ଘୋଷଣା କରାଗଲା ଯେ ଯେଉଁ ବ୍ୟକ୍ତି ରାଜକୁମାରଙ୍କୁ ଶିକ୍ଷା ଦେବାର ଦାୟିତ୍ୱ ଗ୍ରହଣ କରିବେ ଏବଂ ତାଙ୍କୁ ସବୁ ଦିଗରୁ ଯୋଗ୍ୟ କରିବାରେ ସକ୍ଷମ ହେବେ, ସେ ଇଚ୍ଛାନୁରୂପ ପୁରସ୍କାର ପାଇବେ । ବିଷ୍ଣୁଶର୍ମା ନାମକ ଜଣେ ବିଦ୍ୱାନ ତପସ୍ୱୀ ରାଜପୁତ୍ରଙ୍କୁ ରାଜନୀତି, ଧର୍ମ ଓ ଶିକ୍ଷାରେ ନିଷ୍ଣାତ (ନିପୁଣ) କରାଇବାର ଦାୟିତ୍ୱ ବହନ କଲେ ଏବଂ କିଛି ସମୟ ଭିତରେ ପଶୁପକ୍ଷୀଙ୍କ ବିଷୟରେ ରୁଚିକର କାହାଣୀ ଶୁଣାଇ ବୁଦ୍ଧିହୀନ ରାଜକୁମାରଙ୍କୁ ନୀତି, ସଦାଚାର, ଧର୍ମ, ବ୍ୟବହାର କୁଶଳତା ଇତ୍ୟାଦିରେ ପାରଙ୍ଗମ କରିଦେଲେ । ଛତ୍ରପତି ଶିବାଜୀ ପିଲାଦିନେ ପ୍ରତିଭାବାନ ମନେ ହେଉନଥିଲେ । ପରେ କିଛି ଉଲ୍ଲେଖନୀୟ କାମ କରିବା ଯୋଗ୍ୟ ପରିସ୍ଥିତି ମଧ୍ୟ ନଥିଲା । ପତି-ଉପେକ୍ଷିତ ତାଙ୍କର ମାତା ଜୀଜାବାଈ ପୁଅ ସହିତ ରହୁଥିଲେ ପୁନାରେ । ବାଳକ ଶିବାର ଲାଳନ ପାଳନଠାରୁ ଆରମ୍ଭ କରି ଶିକ୍ଷା ଦୀକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ତାଙ୍କ ଉପରେ ଥିଲା । ଏହି ଦାୟିତ୍ୱକୁ ସରଳ ଭାବରେ ନିର୍ବାହ କରିବାର ଉପାୟ ଜୀଜାବାଈ ଖୋଜି ନେଲେ । ସେ ନିଜ ଆଦରର ପୁଅକୁ ରାମାୟଣ, ମହାଭାରତ, ହନୁମାନ, କୃଷ୍ଣ ଓ ଅର୍ଜୁନଙ୍କ ଜୀବନର ପ୍ରେରଣାମୟ ବୀରତ୍ୱପରିପୂର୍ଣ୍ଣ କାହାଣୀ ଶୁଣାଇବା ଆରମ୍ଭ କଲେ ।

ସେମିତି ଆଦର୍ଶ ବୀର ପୁରୁଷ ହେବାର ଅଭିଳାଷ ଜାଗ୍ରତ ହେଲା ବାଳକ ଶିବାଙ୍କ ମନରେ । ପିଲାଦିନରୁ ସେ ମାବଲା ଜାତିର ଅନୁନ୍ନତ ଆଦିବାସୀ ପିଲାମାନଙ୍କୁ ଭାଲୁ, ମାଙ୍କଡ଼ ଭଳି ସଂଗଠିତ କରିବା ଆରମ୍ଭ କଲେ । ସେମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ । ବାଲ୍ୟକାଳର ପ୍ରେରଣାରୁ ଉଦ୍‌ଭୁତ ଶୁଭ ଅଭିଳାଷ ବଳରେ ସେ ନାନାଜୀ, ବାଜି ପ୍ରଭୁ, ଦେଶ



ପାଣ୍ଡେ ଓ ସୂର୍ଯ୍ୟାଜୀଙ୍କ ଭଳି କେତେ ନର ରତ୍ନଙ୍କୁ ଖୋଜି ବାହାର କଲେ । ପରବର୍ତ୍ତୀ କାଳରେ ସେମାନେ ବିଶାଳ ମୋଗଲ ସାମ୍ରାଜ୍ୟ ଅଧିପତି ଆଉରଙ୍ଗଜେବଙ୍କ ଆଖିରୁ ନିଦ ଉଡ଼ାଇନେଲେ । ବର୍ତ୍ତମାନ ଯୁଗର ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୀବନରେ ମଧ୍ୟ ଏଭଳି ଘଟିଥିଲା । ତାଙ୍କର ମାତା ପୁତଲୀବାଇ ଗାନ୍ଧୀଙ୍କୁ ପିଲାଦିନେ ରାମାୟଣ ଓ ମହାଭାରତର ଚରିତ୍ର ନିର୍ମାଣକାରୀ ପ୍ରସଙ୍ଗ ଶୁଣାଉଥିଲେ । ଏହାର ପରିଣାମ ରୂପେ ସେ ଆଜୀବନ ଚରିତ୍ର ଓ ନୈତିକତାକୁ ସର୍ବୋପରି ମହତ୍ତ୍ୱ ଦେଇଥିଲେ । ମହାରାଜା ହରିଶ୍ଚନ୍ଦ୍ର ନାଟକ ଦେଖି ଓ ତାଙ୍କର କାହାଣୀ ଶୁଣି ତାଙ୍କ ମନରେ ସତ୍ୟ ପ୍ରତି ଅବିଚଳ ନିଷ୍ଠା ଜାତ ହୋଇଥିଲା । ଯିଶୁ ଓ ବୁଦ୍ଧଙ୍କ ପ୍ରସଙ୍ଗ ଶୁଣି ଓ ପଢ଼ି ଅହିଂସା ଓ ପ୍ରେମ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ଜାଗ୍ରତ ହୋଇଥିଲା ।

ଫରିଦାବାଦ, ହରିୟାନା



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଜୁବା ପାକ୍ସର ପୂର୍ବତନ ସମ୍ପାଦକ ଗିରଫ

ବଲାଙ୍ଗୀର, (ମହାଭାରତ) : ସମିତିର ଅର୍ଥ ହେରଫେର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ଅଧୀନ ଜୁବା ପ୍ରାଥମିକ କୃଷି ସମବାୟ ସମିତି ଲିମିଟେଡର ପୂର୍ବତନ ସମ୍ପାଦକ ଚିନ୍ତାମଣି ମଲ୍ଲିକଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସର ତଦନ୍ତ ଅନୁସାରେ, ସରକାରୀ ଓ ସୋସାଇଟି ଅର୍ଥରୁ ମୋଟ ୧୪ ଲକ୍ଷ ୨୨ ହଜାର ୪୬ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ରହିଛି। ୨୦୧୬–୧୭, ୨୦୨୦–୨୧, ୨୦୨୧–୨୨ ଏବଂ ୨୦୨୨–୨୩ ଆର୍ଥିକ ବର୍ଷରେ ଏହି ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡ଼ିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତଦନ୍ତରେ ବିହନ ବିକ୍ରିର ଟଙ୍କା ହିସାବରେ ନ ଦେଖାଇବା, ବିହନ ବିକ୍ରିର ଆୟକୁ ହିସାବ ବହିରେ ଉଲ୍ଲେଖ ନ କରିବା, ଡେ ବୁକ୍‌ରେ ଜାଣିଶୁଣି କମ୍ କ୍ଲୋଜିଂ ବାଲାନ୍ସ ଦର୍ଶାଇବା, ନକଲି ବ୍ୟାଙ୍କ ଜମା ଦେଖାଇ ଅର୍ଥ ଅଭାବକୁ ଲୁଚାଇବା ଏବଂ ସେଭିଂସ୍ ବ୍ୟାଙ୍କ ଜମାରୁ ଅଧିକ ଟଙ୍କା ଉଠାଇବା ଭଳି ଅନିୟମିତତା ଚିହ୍ନଟ ହୋଇଥିବା ଭିଜିଲାନ୍ସ କହିଛି। ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୧୬/୨୦୨୬ରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ପରେ ଅଭିଯୁକ୍ତ ଚିନ୍ତାମଣି ମଲ୍ଲିକଙ୍କୁ ବଲାଙ୍ଗୀର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବ ବୋଲି ଜଣାପଡ଼ିଛି।

# ଜଙ୍ଗଲ ଜମି ଉପରେ ଅଣଆଦିବାସୀଙ୍କ ନଜର

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ପାରୁଆ ପଞ୍ଚାୟତ ଅନ୍ତର୍ଗତ କୋଟପାରା ଅଞ୍ଚଳରେ ରାଜ୍ୟ ରାଜପଥ କଡ଼େର ଥିବା ଜମିକୁ ନେଇ ଏବେ ଉଠିଛି ଗୁରୁତର ପ୍ରଶ୍ନ। ରାସ୍ତାର ଦୁଇ ପାର୍ଶ୍ୱରେ ଥିବା କଥିତ ଜଙ୍ଗଲ ଜମି ଓ ଆଦିବାସୀଙ୍କ ଜମି ଉପରେ ବାହାର ଲୋକଙ୍କ ଦଖଲ ବଢୁଥିବା ଅଭିଯୋଗ ହେଉଛି। ଜମି ହାତବଦଳ ପରେ ଏବେ ସେହି ସ୍ଥାନରେ ଦେଖିବାକୁ ମିଳୁଛି କୋଠା ଉପରେ କୋଠା ନିର୍ମାଣ।ସବୁଠାରୁ ଚିନ୍ତାର ବିଷୟ ହେଉଛି ଯେଉଁ ଜମି ଉପରେ ଆଦିବାସୀ ସମାଜର ଅଧିକାର ଓ ସୁରକ୍ଷାକୁ ନେଇ ଆଇନଗତ ବ୍ୟବସ୍ଥା ରହିଛି,ସେହି ଜମି କିପରି ଅନ୍ୟମାନଙ୍କ ହାତକୁ ଯାଉଛି ?ଅଭିଯୋଗ ଅନୁସାରେ,ଅସହାୟ ଓ ଆର୍ଥିକ ଦୁର୍ବଳ ଆଦିବାସୀ ପରିବାରଙ୍କୁ ଅଳ୍ପ କିଛି ଟଙ୍କା ଦେଇ ଜମି ହାତେଇ ନେବାର ଏକ ପ୍ରବୃତ୍ତି ରହିଛି। ଗରିବ ପରିବାରର ଆର୍ଥିକ ଅସହାୟତାକୁ ସୁଯୋଗ କରି ଜମି ନିଜ ଅଧିକାରକୁ ନେଇଯିବା ପରେ ସେହି ଜମିରେ ବ୍ୟବସାୟିକ ଉଦ୍ଦେଶ୍ୟରେ ପକ୍କା ଘର ଓ କୋଠା ନିର୍ମାଣ ହେଉଥିବା ଅଭିଯୋଗ ମଧ୍ୟ ରହିଛି।ଜମି ହରାଉଛି ଜଣେ ଗରିବ ଆଦିବାସୀ,ଆଉ ସେହି ଜମି ଉପରେ ଉଠୁଛି ଅନ୍ୟର ଅଟ୍ଟାଳିକା ଏହି ଦୃଶ୍ୟ ଏବେ ଅଞ୍ଚଳର ଲୋକଙ୍କ ମନରେ ଅନେକ ପ୍ରଶ୍ନ ଛାଡ଼ିଛି।ଆଦିବାସୀଙ୍କ ଜମି ସୁରକ୍ଷା ପାଇଁ ଦେଶ ଓ ରାଜ୍ୟରେ ଅନେକ ଆଇନ ଓ ବ୍ୟବସ୍ଥା ରହିଛି। ତେବେ ସେସବୁ ବ୍ୟବସ୍ଥା ଥିବା ସତ୍ତ୍ୱେ ଯଦି ଜଣେ ଗରିବ ଆଦିବାସୀ ନିଜ ଜମି ହରାଇବାକୁ ବାଧ୍ୟ ହୁଏ ଏବଂ ସେହି ଜମିରେ ଅନ୍ୟମାନେ ବହୁମହଲା କୋଠା ନିର୍ମାଣ କରନ୍ତି,ତେବେ ଏହା ପ୍ରଶାସନିକ ନଜରଦାରି ଉପରେ ନିଶ୍ଚିତ ଭାବେ ପ୍ରଶ୍ନ ଉଠାଏ।କେବଳ କୋଟପାରା ନୁହେଁ,ରାଇଘର ବ୍ଲକର ବିଭିନ୍ନ ଅଞ୍ଚଳରେ ଏଭଳି ଜମି କାରବାର ନେଇ ଅଭିଯୋଗ ଆସୁଥିବା କୁହାଯାଉଛି। ଆଦିବାସୀଙ୍କ ଜମି କିଣାବିକା,ହସ୍ତାନ୍ତର, ଦଖଲ ଏବଂ ସେହି ଜମିରେ ନିର୍ମାଣ ହେଉଥିବା କୋଠାଗୁଡ଼ିକର ବୈଧତାକୁ ନେଇ ତଦନ୍ତ କରାଗଲେ ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରେ।ଗରିବଙ୍କ ହାତରୁ ଜମି ଯାଉଛି, ଆଉ ଧନୀଙ୍କ ହାତରେ ଉଠୁଛି କୋଠା ଏହି ବିଡ଼ମ୍ବନାର ଶେଷ କେବେ? ଏବେ ପ୍ରଶ୍ନ ଉଠୁଛି କୋଟପାରା ଅଞ୍ଚଳରେ ଥିବା ଜମିଗୁଡ଼ିକର ପ୍ରକୃତ ମାଲିକାନା କ'ଣ? କେଉଁ ଜମି ଜଙ୍ଗଲ ଜମି,କେଉଁ ଜମି ଆଦିବାସୀଙ୍କ ନାମରେ ରହିଛି ଏବଂ କେଉଁ ପ୍ରକ୍ରିୟାରେ ସେଗୁଡ଼ିକ ଅନ୍ୟମାନଙ୍କ ଦଖଲକୁ ଯାଇଛି? ଏହାର ନିରପେକ୍ଷ ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।ଜମି କେବଳ ମାଟିର ଖଣ୍ଡ ନୁହେଁ ଜଣେ ଆଦିବାସୀ ପରିବାର ପାଇଁ ଏହା ତାଙ୍କ ଜୀବିକା,ପରିଚୟ, ଅଧିକାର ଓ ଆଗାମୀ ପିଢ଼ିର ଭବିଷ୍ୟତ। ତେଣୁ ଗରିବଙ୍କ ଅସହାୟତାର ସୁଯୋଗ ନେଇ ଯଦି ଜମି ହାତେଇବାର ଅଭିଯୋଗ ସତ୍ୟ ହୁଏ,ତେବେ ଏହା କେବଳ ଜମି ବିବାଦ ନୁହେଁ ଏହା ଜଣେ ପରିବାରର ଭବିଷ୍ୟତ ଛଡ଼ାଇ ନେବାର ପ୍ରଶ୍ନ।ଏହି ଘଟଣାରେ ରାଇଘର ତହସିଲ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ଯଦି ଜମି ହସ୍ତାନ୍ତର କିମ୍ବା ଦଖଲ ବେଆଇନ ପ୍ରମାଣିତ ହୁଏ,ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ସହିତ ଆଦିବାସୀ ପରିବାରଙ୍କ ଜମି ଓ ଅଧିକାର ସୁରକ୍ଷା କରିବାକୁ ଦାବି ହେଉଛି।

## କୂଅରେ ପଡ଼ି ବୃଦ୍ଧା ମୃତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଥାନା ଅନ୍ତର୍ଗତ ପୋଇବାଡ଼ି ଗ୍ରାମରେ ବାଡ଼ିପଟ କୂଅରେ ପଡ଼ି ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ଉଦ୍ଧବ ସାହୁଙ୍କ ପତ୍ନୀ କୁନ୍ତଳା ସାହୁ (୭୨)। ମିଳିଥିବା ସୂଚନା ଅନୁସାରେ, ଗତକାଲି ରାତିରେ କୌଣସି କାରଣରୁ କୁନ୍ତଳା ନିଜ ବାଡ଼ି ପାର୍ଶ୍ୱରେ ଥିବା କୂଅରେ ଖସି ପଡ଼ିଥିଲେ। ପରିବାର ଲୋକଙ୍କ ଠାରୁ ଖବର ପାଇ ଦଶପଲ୍ଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କୂଅରେ ଭାସୁଥିବା ଅବସ୍ଥାରେ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଗ୍ଲୋବାଲ ପୋର୍ଟସ୍ ଆଣ୍ଡ ସିପିଂ ସମିଟ୍ ୨୦୨୬ ଅବସରରେ କେନ୍ଦ୍ର ମନ୍ତ୍ରୀ ସୋନୋୱାଲ ଙ୍କୁ ଭେଟିଲେ ପାରାଦୀପ ବନ୍ଦର ଅଧକ୍ଷ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ ପରେ ସୁଶାନ୍ତ କୁମାର ପୁରୋହିତ ମୁମ୍ବାଇରେ ଆୟୋଜିତ ଇଟିଇନଫ୍ରା ଗ୍ଲୋବାଲ ପୋର୍ଟ୍ସ ଆଣ୍ଡ ସିପିଙ୍ଗ ସମିଟ ୨୦୨୬ ଅବସରରେ ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସହ ସାକ୍ଷାତ କରିଥିଲେ। ଏହି ଅବସରରେ ଏକ ଆଲୋଚନାରେ ଭାରତର ସାମୁଦ୍ରିକ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ସହ ବନ୍ଦର ଭିତ୍ତିକ ବିକାଶ, ଯୋଗାଯୋଗ ଓ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା ଏବଂ ଭାରତକୁ ବିଶ୍ୱ ସହ ଯୋଡିବା କ୍ଷେତ୍ରରେ ପାରାଦୀପ ବନ୍ଦର ମୁଖ୍ୟ ଭୂମିକା ରହିଥିବା ନେଇ ଆଲୋଚନା କରାଯାଇଥିଲା।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ମାନସିକ ଭିନ୍ନକ୍ଷମ ମାଆ ଝିଅ

ପାରାଦୀପ/ଏରସମା, (ମହାଭାରତ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ର ଚଟୁଆ ପଞ୍ଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ନିଶାକର ସ୍ୱାଇଁଙ୍କ ଝିଅ ନିହାରିକା ଲେଙ୍କା ଦୀର୍ଘ ୧୪ ବର୍ଷ ହେବ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଝିମାଣୀ ଗ୍ରାମର ପ୍ରକାଶ ଲେଙ୍କାଙ୍କୁ ବିବାହ କରିଥିଲେ। ନିହାରିକାଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ । ୧୦ ବର୍ଷ ଝିଅ ଜନ୍ମରୁ ମାନସିକ ଭିନ୍ନକ୍ଷମ ବର୍ଗର ଓ ମାଆ ନିହାରିକା ମଧ୍ୟ ଆଂଶିକ ମାନସିକ ଭିନ୍ନକ୍ଷମ ହୋଇ ଥିବାରୁ ପାରିବାରିକ ସ୍ଥିତି ସମ୍ଭବତଃ ଉତ୍ତମ ବୁଝାମଣାରେ ଚାଲି ପାରୁନଥିଲା। ଦୀର୍ଘଦିନ ହେବ ମାଆ ଝିଅଙ୍କ ଉପରେ ଅସନ୍ତୁଷ୍ଟ ଥିବା ସ୍ୱାମୀ ଅନେକ ସମୟରେ ସେମାନଙ୍କୁ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଦେବା ଘଟଣା ପାରିବାର ମଧ୍ୟରେ ସୀମିତ ନରହି ଥାନା ପର୍ଯ୍ୟନ୍ତ ଆସିଥିଲା। ଏ ସମ୍ପର୍କରେ ବିଶିଷ୍ଟ ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ପାରିବାରିକ



ଅସନ୍ତୋଷ ଓ ଗଣ୍ଡଗୋଳର ଆପୋଷ ସମାଧାନ କରିଥିଲେ ମଧ୍ୟ ତାହା ଦିର୍ଘ ସ୍ଥାୟୀ ହୋଇ ପାରିନଥିଲା । ବିଗତ ଦୁଇ ମାସ ହେବ ନିହାରିକା ନିଜର ମାନସିକ ଭିନ୍ନକ୍ଷମ ଝିଅକୁ ଆଣି ବାପଘରକୁ ଚାଲି ଆସିଥିଲେ ମଧ୍ୟ ବାପଘର ର ଆର୍ଥିକ ଅବସ୍ଥା କହିଲେ ନସରେ। ନିହାରିକା ଙ୍କ ଦୁଇ ଭାଇ ଦୈନିକ ମୂଲ ମଜୁରୀ ଲାଗି ଯାହା ରୋଜଗାର କରନ୍ତି ତାହା ତାଙ୍କ ପରିବାର ପାଇଁ ଯଥେଷ୍ଟ ହେଉ ନଥିବାରୁ ଭଉଣୀ ଓ ଭାଣିଜୀ ର ବୋଝ ତାଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ପରି। ପ୍ରଶାସନିକ ସୁବିଧା ଓ ମାଳ ମାଳ ସରକାରୀ ଯୋଜନା ଭିତରେ ବିଚାରୀ ନିହାରିକା ଙ୍କ ନାମ କିପରି ସ୍ଥାନିତ ହୋଇ ପାରିନାହିଁ ତାହା ସମସ୍ତଙ୍କୁ ଚକିତ କରିଛି। ଜୀବନ ଧାରଣର ଅତ୍ୟାବଶ୍ୟକ ମୌଳିକ ସୁବିଧା ବର୍ତ୍ତମାନ ନିହାରିକା ଙ୍କ ପାଇଁ ସାତ ସପନ। ରହିବା ପାଇଁ ବାସଗୃହ, ଭିନ୍ନକ୍ଷମ ଝିଅର ଭତ୍ତା ଇତ୍ୟାଦି ସବୁଥିରୁ ବଞ୍ଚିତ ହେବା ପରେ ନିହାରିକା ନିରାଶ ହୋଇ ଚଟୁଆ ପଞ୍ଚାୟତର ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟଙ୍କ ନିକଟରେ ନିଜର ଅଭିଯୋଗ ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ। ସରପଞ୍ଚ, ଗ୍ରାମର ମୁରବୀ ପଦ୍ମଲୋଚନ ଦାଶ, ପ୍ରହଲ୍ଲାଦ ଦାଶ ପ୍ରମୁଖ ଦୈନିକ ଅସଂଖ୍ୟ ଅସହାୟ ମହିଳାଙ୍କ ମୁହଁରେ ଥାଇଥାନ କରି ହସ ଫୁଟାଉ ଥିବା ଶ୍ରୀମତୀ ଆଚାର୍ଯ୍ୟଙ୍କୁ ନିହାରିକା ଙ୍କ ସମ୍ପର୍କରେ ଅବଗତ କରାଇବା ପରେ ଶ୍ରୀମତୀ ଆଚାର୍ଯ୍ୟ ସେଠାରେ ପହଞ୍ଚି ନିହାରିକା ଙ୍କ ସାମ୍ପ୍ରତିକ ସମସ୍ୟା ଅବଗତ ହେବା ପରେ ଖୁବ ଶୀଘ୍ର ନିହାରିକା ଙ୍କୁ ପ୍ରଶାସନିକ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବ୍ୟାସ ଫାଉଣ୍ଡେସନର ଅଧକ୍ଷାଙ୍କ ଏପରି ସମର୍ପିତ ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ବ୍ରହ୍ମଗିରିରେ ବିକାଶର ନଗ୍ନତା

ବ୍ରହ୍ମଗିରି(ମହାଭାରତ): ବ୍ରହ୍ମଗିରି ତାର ପ୍ରାକୃତିକ ବିଭବ ପାଇଁ ସାରାଦେଶରେ ପରିଚିତ ଅଟେ। ଚିଲିକା, ଡ଼ଲଫିନ,ବାଲିହରଚଣ୍ଡି, ଭାବକୁଣ୍ଡଳେଶ୍ୱର, ଅଲାରନାଥ ଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଲୋକଙ୍କ ଭିଡ ହୁଏ। ମାତ୍ର ଦୁଃଖର ବିଷୟ ଟିକେ ବର୍ଷା ହେଲେ ଆଣ୍ଠୁଏ ପାଣି ରାସ୍ତା ଉପରେ ଲହଡ଼ି ଭାଙ୍ଗେ। ଜନସାଧାରଣ,ଛାତ୍ରଛାତ୍ରୀ,ଯାତ୍ରୀ ଯିବାଆସିବାରେ ନାହିଁନଥିବା ଅସୁବିଧା ହୁଏ। ନିକଟ ଅତୀତରେ ଏହାର ସମାଧାନ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି ମାତ୍ର କୌଣସି କାରଣରୁ ତାହା ଅଧାରୁ ବନ୍ଦ ହୋଇ ରହିଛି। ଅପର ପକ୍ଷରେ ଗୋପ ଛକ ଠାରୁ ଖଜୁରିଆ ପର୍ଯ୍ୟନ୍ତ ରାସ୍ତା ବାଟସାରା ଖାଲ। ରାସ୍ତା ମଝିରେ ମଝିରେ ପୋଖରୀର ଭ୍ରମ ସୃଷ୍ଟି କରୁଛି। ରାସ୍ତାରେ ପାଣି ସାଙ୍ଗକୁ ବୁଲା ଗୋରୁ ଗାଈମାନଙ୍କ ଆତଙ୍କ ଜନ ଓ ଜୀବନକୁ ପ୍ରଭାବିତ କରୁଛି। ପ୍ରତିଦିନ କିଛିନା କିଛି ଦୁର୍ଘଟଣା ଘଟୁଛି। ଏସବୁ ଘଟଣା 'ବିକାଶ ପଥେ ବ୍ରହ୍ମଗିରି' ନାରାକୁ କେଉଁଠି ନା କେଉଁଠି ଅବରୋଧ କରୁଛି। ରାସ୍ତାରେ ପାଣି ସମସ୍ୟା ଓ ବୁଲା ଗୋରୁ ଗାଈ ସମସ୍ୟା କୁ ସମାଧାନ ନିମନ୍ତେ ସାଧାରଣରେ ଦାବି ହେଉଛି।



## ରୋଟାରୀ କ୍ଲବ୍ ଓ ବିପିସିଏଲ୍ ପକ୍ଷରୁ ରକ୍ତଦାନ ଶିବିର



ପାରାଦୀପ, (ମହାଭାରତ) : ସଞ୍ଜୀବନୀ ସପ୍ତାହ ଅବସରରେ ପାରାଦୀପ ରୋଟାରୀ କ୍ଲବ୍ ଏବଂ ବିପିସିଏଲ୍ ର ମିଳିତ ସହଯୋଗରେ ପାରାଦୀପ ସ୍ଥିତ ବିପିସିଏଲ୍ ଡିପୋ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଦିନ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରରେ କଟକ ରେଡକ୍ରସ ସୋସାଇଟି ଦ୍ୱାରା ସମୁଦାୟ ୫୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୂର୍ବତଟ ରେଳପଥର ଏଆରଏମ୍ ଏନ୍.ଶାହୀ (ଆଇଆରଟିସ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପାରାଦୀପ ରୋଟାରୀ କ୍ଲବ୍ ର ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, କ୍ଲବ୍ ନିର୍ଦ୍ଦେଶକ ଡ଼ଃ.ପ୍ରଶାନ୍ତ କୁମାର ମହାପାତ୍ର, ଡ଼ଃ.କୈଳାସ ଚନ୍ଦ୍ର ମହାରଣା, ଦୀପକ କୁମାର ଷଡଙ୍ଗୀ, ବିପ୍ଳବ କୁମାର ଜେନା, ରଞ୍ଜିତ କୁମାର ବୋମାଲି ଏବଂ ବିପିସିଏଲ୍ ପ୍ଲାଣ୍ଟ ମୁଖ୍ୟ ଶିବାଶିଷ ମହାପାତ୍ର, ଏଲ୍.ପି.ଜି. ମୁଖ୍ୟ ଉପେନ୍ଦ୍ର ନାଥ ସେଠୀ, ଏବଂ ସୁରକ୍ଷା ଅଧିକାରୀ ମୁକେଶ ଦାସ ଓ ଅମଳ ଜ୍ୟୋତି ବେଗୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବିପିସିଏଲ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ରୋଟାରୀ କ୍ଲବ୍‌ର ସଦସ୍ୟବୃନ୍ଦ ଏବଂ ରେଡକ୍ରସ୍‌ର କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରି ଶିବିରକୁ ସଫଳ କରିଥିଲେ।

## ଲକ୍ଷ୍ମୀବରାହ ଜୀଉ ମନ୍ଦିର ପାର୍ଶ୍ୱରୁ ଖସିଲା ସିଂହ ମୂର୍ତ୍ତି..

ଆଳି, (ମହାଭାରତ) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିର ପାର୍ଶ୍ୱରେ ଥିବା ସିଂହ ମୂର୍ତ୍ତିର ମୁଖ ଭାଙ୍ଗି ଖସି ପଡ଼ିଥିବା ବେଳେ ଏହି ଘଟଣା ଶ୍ରଦ୍ଧାଳୁ ଓ ସେବାୟତ ମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ସୂଚନା ଅନୁଯାୟୀ ଆଳିର ଆରାଧ୍ୟ ଲକ୍ଷ୍ମୀବରାହ ଜୀଉ ମନ୍ଦିର ଶହଶହ ବର୍ଷର ପୁରାତନ ମନ୍ଦିର । ଏହି ମନ୍ଦିରକୁ ପ୍ରତିଦିନ ବିଭିନ୍ନ ପ୍ରାନ୍ତରୁ ଶହଶହ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି । ଗୁରୁବାର ଦିନ ପ୍ରାୟ ୧୧ ଟା ସମୟରେ ବର୍ଷା ଲାଗି ରହିଥିବା ବେଳେ ହଠାତ ମନ୍ଦିରର ଉତ୍ତର ପାର୍ଶ୍ୱରେ ଥିବା ଏକ ସିଂହ ମୂର୍ତ୍ତି ମୁଖ ଖସି ପଡି ପାଦୁକ କୁଣ୍ଡ ନିକଟରେ ପଡିଥିଲା। ଯେଉଁ ସମୟରେ ଏହି ପଥର ପଡିଥିଲା ସେହିସମୟରେ ବର୍ଷାହେଉଥିବା ଯୋଗୁଁ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ସେବାୟତ ଓ ଶ୍ରଦ୍ଧାଳୁ । ଏହି ପଥର ଖଣ୍ଡ ଖସିବା ପରେ ମନ୍ଦିରର ସେବାୟତ ଓ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ମନ୍ଦିରରୁ ପଥର ଖସିବା ପରେ ଏହି ଘଟଣାକୁ ନେଇ ସେବାୟତ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି । ସେବାୟତ ମାନେ ଅଭିଯୋଗ କରିଛନ୍ତି ଯେ ଏହି ମନ୍ଦିର ବହୁ ପୁରାତନ ହୋଇଥିଲେ ମଧ୍ୟ ଏହାର ରକ୍ଷଣା ବେକ୍ଷଣା ଠିକ ଭାବେ ହେଉନି । କିଛିଦିନ ପୂର୍ବେ ମନ୍ଦିର ଉପରି ଭାଗରେ ହୋଇଥିବା ଅନାବନା ଗଛ ଉଠିଥିବା ବେଳେ ତାହା କଟା ଯାଇଥିଲା। ଏପରିକି ପୂର୍ବ ସରକାର ସମୟରେ ମନ୍ଦିର ଉନ୍ନତି ନିମନ୍ତେ ନିମନ୍ତେ କୋଟି କୋଟି ଟଙ୍କା ଆସିଥିବା ବେଳେ ତାହା ମଧ୍ୟ ଠିକ ଭାବେ ଖର୍ଚ୍ଚ ହୋଇ ପାରୁନି । ମନ୍ଦିର କାର୍ଯ୍ୟ ନେଇଥିବା ଠିକାଦାର ମନମୁଖୀ କାର୍ଯ୍ୟ କରି ଚାଲିଛି । ଆଜି ଯେଉଁ ପଥର ଖଣ୍ଡ ଖସି ପଡିଲା ତାହା କେଉଁ ପରିସ୍ଥିତିରେ ଖସିଲା ତାହାର ତୁରନ୍ତ ମନ୍ଦିର ଟ୍ରଷ୍ଟ ଓ ପ୍ରତ୍ନତତ୍ୱ ବିଭାଗ ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ମନ୍ଦିର ଦୀର୍ଘ ଦିନ ହେବ ଅସୁରକ୍ଷିତ ଅବସ୍ଥାରେ ଥିବା ବେଳେ ଏହା ଉପରେ ପ୍ରତ୍ନତତ୍ୱ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ ତୁରନ୍ତ ପ୍ରତ୍ନତତ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇ ମନ୍ଦିରର ରକ୍ଷଣା ବେକ୍ଷଣା ନିମନ୍ତେ ପଦକ୍ଷେପ ନେବାକୁ ବୁଦ୍ଧିଜୀବି ମାନେ ଦାବି କରିଛନ୍ତି । ଏ ବିଷୟରେ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧିକାରୀ ଅଳ୍ପୀଳ ପ୍ରଧାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ ପୂର୍ବରୁ ଏକ ସିଂହ ଭାଙ୍ଗିଥିବା ବେଳେ ଆଜି ଆଉ ଏକ ସିଂହ ଭାଙ୍ଗି ଯାଇଛି । ଏ ବିଷୟରେ ସେ ସଂସ୍କୃତି ବିଭାଗକୁ ଅବଗତ କରିବେ ।

## ବାଘାଯତୀନଙ୍କ ୧୧୧ ତମ ବଳିଦାନ ଦିବସ



ଉଦଳା, (ମହାଭାରତ) : ସହିଦ ବାଘାଯତୀନଙ୍କ ୧୧୧ ତମ ବଳିଦାନ ଦିବସ ଆଜି କପ୍ତିପଦା ମହୁଲଡିହା ଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ , ପ୍ରକଳ୍ପ ପ୍ରଶାସକ ଆଶିଷ କୁମାର ମହାପାତ୍ର ଉପଖଣ୍ଡ ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ। ସକାଳ ସମୟରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଏହି ଅବସରରେ ଆୟୋଜିତ ଏକ ସଭାରେ ଉପସ୍ଥିତ ଅତିଥି ମାନେ ସହିଦ ବାଘାଯତୀନଙ୍କର ବଳିଦାନ ଏବଂ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। କିଭଳି ଭାବେ ବ୍ରିଟିଶ ମାନଙ୍କୁ ତଡି ପାର କରିବାରେ ବାଘାଯତୀନ ନିଜର ଯୌବନ କୁ ନେ୍ଛାବର କରିଥିଲେ ତାହା ଉପରେ କହିଥିଲେ ସମସ୍ତ ଅତିଥି। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ପ୍ରତିଭାଙ୍କ ସହିତ ସଂଘର୍ଷ କରି ନିଟ ପାସ କରିଥିବା ଦୁଇ ଭଉଣୀ ଯାଜ୍ଞସେନି ଖଟୁଆ ଏବଂ ଦିବ୍ୟସେନି ଖଟୁଆ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଗାମୀ ଦିନରେ ସମସ୍ତେ ନିଜ ନିଜ କାର୍ଯ୍ୟରେ ହିଁ ଦେଶ ପାଇଁ ସେବା କରିବାର ଆହ୍ୱାନ ଦେଇଥିଲେ ଅତିଥିମାନେ। ଏହି ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

## ବାରକୋଟ କଲେଜ ଛାତ୍ର ଛାତ୍ରୀ ଙ୍କୁ ଟେଲିଫୋନ ଉପଭକ୍ତାଙ୍କ ସଚେତନତା କାର୍ଯ୍ୟକ୍ରମ

ଦେବଗଡ, (ମହାଭାରତ) : ଆଜି ଦେଓଗଡ ଜିଲ୍ଲାର ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବାରକୋଟ ସଭା କକ୍ଷରେ (ଟିଆରଏଲ) ଟ୍ରାଇ ସହଯୋଗରେ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟେଲିକମ ସେବା ପ୍ରଦାନ କାରୀ ସଂସ୍ଥା ବିଏସଏନଏଲ, ଏ ଆର ଟେଲ, ଏବଂ ଜି ଓ ରିଲାଏନସର ଆଂଚଳିକ ପ୍ରତିନିଧି ଯୋଗ ଦେଇଥିଲେ । ପ୍ରାରମ୍ଭରେ ସୁଧାଂଶୁ ମୋହନ ଦାଶ ଏହା ଛଡା ଉପଭୋକ୍ତ ମାନେ ଟାରିଫ ଓ ବିଲିଂ ସମ୍ବନ୍ଧ ରେ ଟେଲିକମ କମ୍ପାନୀ ଏବଂ ବ୍ରୋଡ କାଷ୍ଟେଇଁ ସଂସ୍ଥା ମାନେ କଣ ସୁବିଧା ଦେଇଛନ୍ତି ସେ ବିଷୟରେ ଆଲୋଚନା ହେଇଥିଲା। ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ଟି ଆର ଏ ଆଇ ର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ, ଉତ୍ତମ ମାନର ଗୁଣାତ୍ମକ ସେବା କିପରି ଟେଲିକମ ସେବା ପ୍ରଦାନ କାରୀ ସଂସ୍ଥା ପ୍ରଦାନ କରିବେ ସେ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ପରିବର୍ତ୍ତନ ସଂସ୍ଥା ର ସମ୍ପାଦକ ଶ୍ରୀ ସୁଭ୍ରାଂଶୁ ଭୂଷଣ ସ୍ୱାଇଁ ପରିବର୍ତ୍ତନ ସଂସ୍ଥା ଏବଂ କଞ୍ଜୁମ ର ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ ।

# ଗୋଟିଏ ଶବଦାହ ସ୍ଥଳ, ଦୁଇ ସୂଚନା ଫଳକ କୃତିତ୍ୱକୁ ନେଇ ଭାଜପାର ଦୁଇ ଗୋଷ୍ଠୀ ମୁହାଁମୁହିଁ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମପଞ୍ଚାୟତ ବୈତରଣୀ ନଦୀ କୂଳରେ ଶବଦାହ ସ୍ଥଳ ନିର୍ମାଣକୁ ନେଇ ଏବେ ଏକ ରୋଚକ ଚିତ୍ର ସାମ୍ନାକୁ ଆସିଛି। ପଞ୍ଚାୟତ ସମିତି ପକ୍ଷରୁ ଏହି କାର୍ଯ୍ୟ ପାଇଁ ପ୍ରାୟ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ, ଗୋଟିଏ କାମ ସ୍ଥାନରେ ଦୁଇଟି ସୂଚନା ଫଳକ ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି।

ଗୋଟିଏ ସୂଚନା ଫଳକରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ସମ୍ପର୍କିତ ତଥ୍ୟ ରହିଥିବା ବେଳେ, ଅନ୍ୟ ଫଳକରେ ମଧ୍ୟ ସମାନ ଶବଦାହ ସ୍ଥଳ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ତଥ୍ୟ ରହିଛି। ଫଳରେ ଗୋଟିଏ କାମ ପାଇଁ ଦୁଇଟି ସୂଚନା



ଫଳକ କାହିଁକି ? ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରଥମେ ଏହି ଶବଦାହ ସ୍ଥଳ ନିର୍ମାଣ ପାଇଁ ପାଟଣା ନିର୍ବାଚନମଣ୍ଡଳୀର ବିଧାୟକଙ୍କ ଗୋଷ୍ଠୀ ସହ ସମ୍ପୃକ୍ତ କର୍ମୀଙ୍କୁ ମଞ୍ଜୁରୀ ମିଳିଥିବା କୁହାଯାଉଛି। ପରେ ଏହି ସ୍ଥାନରେ ଆଉ ଏକ ସୂଚନା ଫଳକ ନିର୍ମାଣ ହେବା ଘଟଣାକୁ ନେଇ ରାଜନୈତିକ ଗୋଷ୍ଠୀ କନ୍ଦଳର ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଅଭିଯୋଗର ସରକାରୀ ସ୍ପଷ୍ଟୀକରଣ ମିଳିବା ବାକି ରହିଛି।

ଆହୁରି ଆଶ୍ଚର୍ଯ୍ୟର ବିଷୟ, ନୂଆ କରି ନିର୍ମିତ ଦ୍ୱିତୀୟ ସୂଚନା ଫଳକର ପ୍ଲାଷ୍ଟର ଖସିବା ଆରମ୍ଭ ହୋଇଥିବା ବେଳେ ପ୍ରଥମ ଫଳକର ରଙ୍ଗ ଛାଡ଼ିଯିବା ସହ କିଛି ଲେଖା ମଧ୍ୟ ଅସ୍ପଷ୍ଟ ହୋଇପଡ଼ିଛି। ଏହାକୁ ନେଇ କାମର ଗୁଣବତ୍ତା ଏବଂ ଅର୍ଥ ବ୍ୟୟ ଉପରେ ମଧ୍ୟ ପ୍ରଶ୍ନ ଉଠୁଛି। ସରକାରୀ ଅର୍ଥରେ ହେଉଥିବା ବିକାଶମୂଳକ କାର୍ଯ୍ୟରେ ଏଭଳି ଦ୍ୱନ୍ଦ୍ୱ ଓ ଅସ୍ପଷ୍ଟତା ଦେଖାଦେଲେ ଏହାର ସିଧାସଳଖ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

ସାହାରପଡା ବ୍ଲକରେ ବିକାଶମୂଳକ କାର୍ଯ୍ୟକୁ ନେଇ ଯଦି ରାଜନୈତିକ ଟଣାଓଟରା ଲାଗି ରହେ, ତେବେ ଏହାର ପ୍ରଭାବ ଶେଷରେ ଜନସାଧାରଣଙ୍କ ଉପରେ ପଡ଼ିବ। ଗୋଟିଏ କାମ ପାଇଁ ଦୁଇଟି ସୂଚନା ଫଳକ ନିର୍ମାଣର ପ୍ରକୃତ କାରଣ କ'ଣ, କାମ ପାଇଁ ମଞ୍ଜୁର ଅର୍ଥର ସମ୍ପୂର୍ଣ୍ଣ ବିବରଣୀ କ'ଣ ଏବଂ ନିର୍ମାଣର ଗୁଣବତ୍ତା କିପରି ରହିଛି–ଏସବୁ ନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ ସ୍ପଷ୍ଟ ତଥ୍ୟ ପ୍ରକାଶ କରିବାକୁ ଦାବି ହେଉଛି। ବିକାଶର ଫଳକ ଦୁଇଟି ହେଲେ ଚଳିବ, କିନ୍ତୁ ବିକାଶ କାମ ଯେପରି ଦୁଇ ଗୋଷ୍ଠୀ ମଧ୍ୟରେ ଅଟକି ନ ଯାଏ। ଏହା ହିଁ ଏବେ ଅଞ୍ଚଳବାସୀଙ୍କ ପ୍ରମୁଖ ଚିନ୍ତା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ପୋଲିସ ଓ ସରକାରୀ ଓକିଲ ସମନ୍ୱୟ ବୈଠକ



ଗଜପତି(ମହାଭାରତ): ବଢୁଥିବା ଅପରାଧକୁ କମ କରାଯାଇ କିପରି ସମାଜରେ ଶାନ୍ତି ପ୍ରତିଷ୍ଠା କରାଯାଇପାରିବ, ସେ କଥାକୁ ନଜରରେ ରଖି ଆଜି ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମିନାଙ୍କ ସଭାପତିତ୍ୱରେ ଗଜପତି ଜିଲ୍ଲା ଆରକ୍ଷୀ ଅଧିକାରୀ କାର୍ଯ୍ୟାଳୟ ରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ତଥା ସରକାରୀ ଓକିଲମାନଙ୍କର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅବକାରୀ ବିଭାଗ ଆରକ୍ଷୀ ଅଧିକ୍ଷକ ପ୍ରଦୀପ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ବାଗ, ଆର. ଉଦୟଗିରି ଏସ୍ଡିପିଓ ଆଇପିଏସ ରାକେଶ କୁମାର ସାହୁ, ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ତଥା ଅଭିଯୋଜନ ବିଭାଗର ସହ-ନିର୍ଦ୍ଦେଶକ ଡ଼ି.ଅନୁପରାଜ ଆଚାରି ପ୍ରମୁଖ ଉପସ୍ଥିତ ଥିଲେ।ପାଖାପାଖି ଦୁଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ମୁଖ୍ୟତଃ ମାମଲାର ତଥ୍ୟାବଳୀ କିପରି ପ୍ରସ୍ତୁତ କରାଯିବ ଏବଂ ତଦନ୍ତ ପ୍ରକ୍ରିୟାରେ ଥିବା ତ୍ରୁଟି-ବିଚ୍ୟୁତିକୁ କିପରି ସୁଧାରାଯିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ପୋଲିସ ଜନସାଧାରଣଙ୍କ ନିକଟତର ହୋଇ କିପରି ଦ୍ରୁତ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଯାଇପାରିବ, ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

## କୁକୁର କାମୁଡ଼ାରେ ଗୌଡ଼ପାଲି ଗୌନ୍ତିଆ ପରିବାରର ସଦସ୍ୟ ସୁଶାନ୍ତ ନାଥ ଶର୍ମାଙ୍କ ମୃତ୍ୟୁ

**ସମ୍ବଲପୁର, ୯।୯**

ଗ୍ରାମାଞ୍ଚଳରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ଓ ଆକ୍ରମଣ ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଭୟ ବଢ଼ିବାରେ ଲାଗିଛି। ବିଭିନ୍ନ ଗ୍ରାମରେ ବୁଲା କୁକୁର ଲୋକଙ୍କୁ କାମୁଡ଼ିବା ଓ ରାମ୍ପିବା ଭଳି ଘଟଣା ଘଟୁଥିବାରୁ ଏହା ଏବେ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟାର ରୂପ ନେଇଛି।ଏହି ପରିପ୍ରେକ୍ଷୀରେ ଜମନକିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡି ଗ୍ରାମପଞ୍ଚାୟତର ଗୌଡ଼ପାଲି ଗ୍ରାମର ଗୌନ୍ତିଆ ପରିବାରର ସଦସ୍ୟ ସୁଶାନ୍ତ ନାଥ ଶର୍ମାଙ୍କ କୁକୁର କାମୁଡ଼ାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ସୂଚନା ଅନୁସାରେ, ଗତ ୧୬ ଅଗଷ୍ଟରେ ସୁଶାନ୍ତଙ୍କୁ ଏକ ବୁଲା କୁକୁର ନାକ ଓ ପାଟି ଅଞ୍ଚଳରେ କାମୁଡ଼ିଥିଲା। ଘଟଣା ପରେ ତାଙ୍କୁ ତୁରନ୍ତ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇ କୁକୁର କାମୁଡ଼ା ପ୍ରତିଷେଧକ ଟିକା ଦିଆଯାଇଥିଲା। ପରେ ତାଙ୍କୁ ବୁର୍ଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଅସ୍ତ୍ରୋପଚାର କରାଯାଇଥିଲା। କିଛି ଦିନ ଚିକିତ୍ସା ପରେ ତାଙ୍କୁ ଘରକୁ ନିଆଯାଇଥିଲା। ତେବେ ଗତ ୬ ତାରିଖ ବିଳମ୍ବିତ ରାତିରେ ତାଙ୍କଠାରେ ଜଳାତଙ୍କର ଲକ୍ଷଣ ଦେଖାଦେବାରୁ ପରିବାରବର୍ଗ ତାଙ୍କୁ ପୁନର୍ବାର ବୁର୍ଲା ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଚିକିତ୍ସା ସତ୍ତ୍ୱେ ତାଙ୍କ ଅବସ୍ଥାରେ ଅବନତି ଘଟିଥିଲା। ଶେଷରେ ୭ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଚିକିତ୍ସାଧୀନ ଅବସ୍ଥାରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା।ଅନ୍ୟପକ୍ଷରେ, ମଙ୍ଗଳବାର କଦଳୀପାଲ ଗ୍ରାମରେ ମଧ୍ୟ ଜଣେ ଯୁବକଙ୍କୁ ବୁଲା କୁକୁର କାମୁଡ଼ିଥିବା ଖବର ମିଳିଛି। କ୍ରମାଗତ ଭାବେ ଏଭଳି ଘଟଣା ଘଟୁଥିବାରୁ ଗ୍ରାମାଞ୍ଚଳରେ ବୁଲା କୁକୁରଙ୍କ ନିୟନ୍ତ୍ରଣ ଓ ଟିକାକରଣ ନେଇ ପ୍ରଶ୍ନ ଉଠିଛି।ସହରାଞ୍ଚଳରୁ ବୁଲା କୁକୁରଙ୍କୁ ଧରି ଗ୍ରାମାଞ୍ଚଳରେ ଛାଡ଼ି ଦିଆଯାଉଥିବା ନେଇ ମଧ୍ୟ କେତେକ ଅଞ୍ଚଳରୁ ଅଭିଯୋଗ ଆସୁଛି। ତେବେ ଏହି ଅଭିଯୋଗର ସତ୍ୟତା ଓ ଏଭଳି କାର୍ଯ୍ୟରେ କୌଣସି ସରକାରୀ ବା ପୌର ସଂସ୍ଥାର ସମ୍ପୃକ୍ତି ରହିଛି କି ନାହିଁ, ତାହାର ନିରପେକ୍ଷ ଯାଞ୍ଚ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।ବୁଲା କୁକୁରଙ୍କ ବଂଶ ନିୟନ୍ତ୍ରଣ, ଟିକାକରଣ ଏବଂ ଆକ୍ରମଣାତ୍ମକ କୁକୁରଙ୍କ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ଦୀର୍ଘମିଆଦୀ ଓ ପ୍ରଭାବଶାଳୀ ପଦକ୍ଷେପ ନିଆଯିବା ସହିତ ଗ୍ରାମାଞ୍ଚଳରେ କୁକୁର କାମୁଡ଼ା ପରେ ତୁରନ୍ତ ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦାବି ହେଉଛି।

## ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ



**ପୁରୀ :** ପୁରୀର ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଅଭିଷେକ ବେହେରା କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି।ଏହା ପୂର୍ବରୁ ସେ ଢେଙ୍କାନାଳ ରେ କାର୍ଯ୍ୟରତ ଥିଲେ।ସେହିପରି ପୂର୍ବରୁ ପୁରୀ ର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଥିବା ପ୍ରଦୀପ୍ତ କୁମାର ସେନାପତିଙ୍କ ର ନୟାଗଡ଼ ଜିଲ୍ଲା କୁ ବଦଳି ହୋଇ ଥିବାରୁ ଆଜି ତାଙ୍କୁ ରିଲିଭ କରାଯାଇଛି।ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଭୟଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ନିଜ କାର୍ଯ୍ୟକୁ ନିଷ୍ଠାର ସହ ନିର୍ବାହ କରି ବିଭାଗର ସୁନାମ ବୃଦ୍ଧି କରନ୍ତୁ ବୋଲି ଆଶା ବ୍ୟକ୍ତ କରିଥିଲେ।ଏଥିରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ହୋଟେଲ ଓ ଢାବାରେ ଖାଦ୍ୟ ବିଭାଗର ଚଢ଼ାଉ

### ୨୮,୬୦୦ ଟଙ୍କା ଫାଇନ୍ ଆଦାୟ

ରେଢ଼ାଖୋଲ (ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବିଭିନ୍ନ ହୋଟେଲ ଓ ଢାବାରେ ଗୁରୁବାର ଦିନ ଖାଦ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିରେ ଏନଏସି ଏବଂ ପୋଲିସ ବିଭାଗର ମିଳିତ ସହଯୋଗରେ ସହରରେ ଥିବା ୧୧ ଟି ହୋଟେଲରେ ଚଢ଼ାଉ କରି ୨୭ ହଜାର ଟଙ୍କା ଫାଇନ୍ ଆଦାୟ କରାଯାଇଛି। ଏଥିସହ ୫୫ କେଜି ପଚା ପରିବା ଓ ବାସି ଖାଦ୍ୟକୁ ନଷ୍ଟ କରାଯାଇଛି। ଅନ୍ୟ ପକ୍ଷରେ ସହରରେ ବଢ଼ି ଚାଲିଥିବା ନିଷିଦ୍ଧ ପଲିଥିନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୩ କେଜିରୁ ଊର୍ଦ୍ଧ ପଲିଥିନ ଜବତ କରିଥିବା ବେଳେ ୧୬୦୦ ଟଙ୍କା ଫାଇନ୍ ଆଦାୟ କରାଯାଇଛି। ମୋଟ ୨୮,୬୦୦ ଟଙ୍କା ଫାଇନ୍ ଆଦାୟ ହୋଇଛି। ଆଗାମୀ ଦିନରେ ମିଶ୍ରିତ ଖାଦ୍ୟ ଏବଂ ପଲିଥିନ ବ୍ୟବହାର ଉପରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଖାଉଟି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସିରିଜ୍ ସାଇକେଲ ଚୋରି ଘଟଣାର ପର୍ଦ୍ଦାଫାଶ: ୧୩ଟି ସାଇକେଲ ଉଦ୍ଧାର

ଗଞ୍ଜାମ(ମହାଭାରତ): ପାରଳାଖେମୁଣ୍ଡି ପୋଲିସ ସିରିଜ୍ ସାଇକେଲ ଚୋରି ଘଟଣାର ସଫଳ ତଦନ୍ତ କରି ଅଭିଯୁକ୍ତ ଭବାନୀ ପ୍ରସାଦ ଦାଶ (୫୨), ପିତା- ସ୍ୱର୍ଗତ ଚନ୍ଦ୍ରଶେଖର ଦାଶ, ଗ୍ରାମ- ରାଣାଦେବୀ, ଥାନା- ଗୁରାଣ୍ଡି, ଜିଲ୍ଲା- ଗଜପତିଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ଥାନା କେସ୍ ନଂ-୩୭୦, ତା.୦୭.୦୯.୨୦୨୬, ଦଫା ୩୦୩(୨) ଭଉଏସରେ ମାମଲା ରୁଜୁ ହୋଇଛି। ତଦନ୍ତ ସମୟରେ ପୋଲିସ ବିଭିନ୍ନ ସ୍ଥାନର ଉଉଞ୍ଚଠ ଫୁଟେଜ୍ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ପଚରାଉଚରା ସମୟରେ ଅଭିଯୁକ୍ତ ପାରଳାଖେମୁଣ୍ଡି ସହରର ବିଭିନ୍ନ ସ୍ଥାନରୁ ବାରମ୍ବାର ସାଇକେଲ ଚୋରି କରିଥିବା ସମ୍ପର୍କରେ ସୂଚନା ଦେଇଥିଲେ ।

## ଓଡ଼ଗାଁରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

### ପ୍ରଚାର ପ୍ରସାର ଅଭାବରୁ ଶିବିର ଫାଙ୍କା



ଓଡ଼ଗାଁ,(ମହାଭାରତ):ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ପ୍ରଚାର ପ୍ରସାର ଅଭାବରୁ ଶିବିର ଫାଙ୍କା ପଡ଼ିଥିବା ଦେଖିବାକୁ ମିଳିଥିଲା।ମାତ୍ର ୨୨୩ଜଣ ଭିନ୍ନକ୍ଷମ ଶିବିରରେ ଯୋଗ ଦେଇଥିଲେ।ଏହି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ବ୍ଲକ୍ ଅଧକ୍ଷ ଲୋକନାଥ ସାହୁ,ବିଡ଼ିଓ ପ୍ରୀତିବାଳା ରଣା,ଜିଲ୍ଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ଶିବିରକୁ ଆସୁଥିବା ଦିବ୍ୟାଙ୍ଗ ଓ ଭିନ୍ନକ୍ଷମଙ୍କୁ ଡ଼ାକ୍ତରଙ୍କ ସହଯୋଗ ମିଳୁନଥିବା ନେଇ ଅଭିଯୋଗ ହୋଇଥିଲା।ଡ଼ାକ୍ତରମାନେ ଇଛାକୃତ ଭାବେ ରୋଗୀଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଉନଥିଲେ।ଫଳରେ ରଙ୍ଗଣୀପାଟଣା ପଞ୍ଚାୟତର ଅମୂଲ୍ୟ ନାହାକ ଏକ ଦୁର୍ଘଟଣାରେ ତାଙ୍କର ଡ଼ାହାଣ ଗୋଡ଼ ହରାଇଛନ୍ତି।ସେ ଆଶାବାଡ଼ି ସାହାର୍ଯ୍ୟରେ ଚଲାବୁଲା କରୁଥିବାବେଳେ ତାଙ୍କ ଉପରେ ପାଞ୍ଚ ପ୍ରାଣୀ କୁଟୁମ୍ବ ନିର୍ଭର କରୁଛନ୍ତି।ଦିନ ମଜୁରୀଆ ଭାବେ କାମ କରୁଥିବା ଅମୂଲ୍ୟ ଏବେ କାମଧନ୍ଦା କରି ପାରୁନାହାଁନ୍ତି।ଆଣ୍ଠୁ ତଳକୁ ସଂପୂର୍ଣ୍ଣ କଟି ଯାଇଛି।ତାଙ୍କୁ ୮୦ ପ୍ରତିଶତ ଚିହ୍ନଟ କରିବା ବଦଳରେ ୭୦ ପ୍ରତିଶତ ଦିଆଯାଇଛି।ଏହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।ଅନେକ ଭୂତ ବ୍ୟକ୍ତିଙ୍କୁ ଦିବ୍ୟାଙ୍ଗ ସଜେଇ ୮୦ ପ୍ରତିଶତ ଦିଆଯାଇଥିବା ବେଳେ ଯୋଗ୍ୟଙ୍କୁ ଏଠି ଅଣଦେଖା କରାଯାଇଛି।ଏଭଳି ଘଟଣାକୁ ନେଇ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ମଧ୍ୟ ଅଙ୍ଗୁଳି ଉଠାଇଛନ୍ତି।ତାଙ୍କୁ ୮୦ ପ୍ରତିଶତ ଭିନ୍ନକ୍ଷମ ଚିହ୍ନଟ କଲେ ତାଙ୍କ ଦୁଃଖ ଦୂରହେବା ସହିତ ସରକାରଙ୍କ ଜନମଙ୍ଗଳକାରୀ ସୁବିଧା ପାଇପାରିବେ ବୋଲି କହିଛନ୍ତି।ସେହିପରି କୁରାଳ ପଞ୍ଚାୟତ ଦଣ୍ଡୋର ନିକଟସ୍ଥ ତଳଗୋଡ଼ିପଲ୍ଲୀ ଗ୍ରାମର ଜମୁନା ନାହାକ ସଂପୂର୍ଣ୍ଣ ଦିବ୍ୟାଙ୍ଗ। କିନ୍ତୁ ତାଙ୍କୁ ଶତ ପ୍ରତିଶତ ଦିବ୍ୟାଙ୍ଗ ଦର୍ଶାଇବା ବଦଳରେ ଅଣଦେଖା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି।ସରକାର ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ସରକାରୀ ଡ଼ାକ୍ତରଙ୍କ ଖାମଖିଆଲ ଯୋଗୁ ଭିନ୍ନକ୍ଷମ ବ୍ୟକ୍ତିମାନେ ବଳି ପଡୁଛନ୍ତି।ସରକାରୀ ସୁବିଧାରୁ ବଞ୍ଚିତ ହୋଇ ସାରାଜୀବନ ସଂଘର୍ଷ କରିବାକୁ ପଡୁଛି।ଏହାସହିତ ପ୍ରଚାର ପ୍ରସାର ଅଭାବରୁ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଖାଁ ଖାଁ ରେ ପରିଣତ ହୋଇଛି। ଶିବିର ସଂପର୍କରେ ଲୋକଙ୍କ ପାଖରେ ଆଦୌ ସୂଚନା ନ ଥିବା କୁହାଯାଉଛି।ବ୍ଲକ୍ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାର୍ଯ୍ୟରେ ଲୋକଙ୍କୁ ଅବଗତ କରାଯାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।ଓଡ଼ଗାଁରେ ଆଉ ଏକ ଏକ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କରିବାକୁ ଦାବି ହୋଇଛି।

## ଜାତୀୟ ପୁରସ୍କାର ପୁରସ୍କାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀଂକୁ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି(ମହାଭାରତ): ସ୍ଥାନୀୟ ମହେନ୍ଦ୍ରଗିରି (ପୌର)ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ନିକଟରେ ନିପା ନୂଆଦିଲ୍ଲୀ ଦ୍ୱାରା ଜାତୀୟସ୍ତରରେ ସମ୍ମାନିତ ହେଇଥିବା ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସମ୍ମାନିତ କରାଯାଇଛି।ଏହି ଅବସରରେ ଡ.ସାହୁଂକ ସହ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍.ଗିରିଧର,ଜିଲ୍ଲା ବିଜ୍ଞାନ ନିରୀକ୍ଷକ ୱାଇ.କ୍ରିଷ୍ଣାରାଓ, ବିଇଓ ଗୋଷାଣି ଓ ରାୟଗଡ ଟି.କିଶୋର,ଜିଭା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମିନାକ୍ଷୀ ପାଢୀ,ବାପୁଜୀପେଣ୍ଠ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ଦୋରା ଏବଂ ନାମନଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ଦାଶ ମଂଚାସୀନ ଥିଲେ।ଅତିଥିମାନେ ଡ.ସାହୁଂକର ଗଜପତିରେ ସ୍ୱଳ୍ପ ସମୟରେ ଜିଲ୍ଲାକୁ ଶିକ୍ଷାକ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିବାରୁ ହାର୍ଦ୍ଦିକ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଥିଲେ।ସୁପର୍ ୩୦ ଓ ପ୍ରୟାସ ପରି ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଦଳଗତ ସହଭାଗିତାରେ ଶିକ୍ଷାର ପୃଷ୍ଠଭୂମିକୁ ରାଜ୍ୟସ୍ତରରେ ସର୍ବଶ୍ରେଷ୍ଠ ରଖିବାରେ ତାଂକର ଅବଦାନ ସ୍ମରଣ କରିଥିଲେ।ତାଂକର ଭୂମିକା ସମ୍ବନ୍ଧୀୟ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଡ.ସାହୁ ଏହି ଉପାନ୍ତ ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସେ ନେଇଥିବା ରଣନିତି ସମସ୍ତଂକ ସହଭାଗିତାରେ ଉତ୍କୃଷ୍ଟ ହୋଇପାରିଥିଲା।ଯାହାଫଳରେ ଗତ ଦୁଇ ଶିକ୍ଷାବର୍ଷରେ ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ରଖି ପାରିଥିଲା।ପୂର୍ବତନ ଜିଲ୍ଲାପାଳ ଅନୁପମ ସାହାଂକ ଉଦ୍ୟମରେ ଆରମ୍ଭ ହୋଇଥିବା ସୁପର୍ ୩୦ର ଭିତ୍ତିଭୂମିକୁ ସୁଦୃଢ଼ କରିବାପାଇଁ ଜିଲ୍ଲାର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଂକର ଉଦ୍ୟମକୁ ପ୍ରଶଂସା କରିଥିଲେ।ଏହିଭଳି ଉଦ୍ୟମଜାରୀ ରଖି ପୁଣି ଆଗାମୀ ଶିକ୍ଷାବର୍ଷରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ।ଅନ୍ୟମାନଂକ ମଧ୍ୟରେ ରାୟଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ବେହେରା, ଗୁମ୍ମା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏ.ରବିକୁମାର, ଆୟୋଜିତ ବିଦ୍ୟାଳୟର ପୁରାତନ ଛାତ୍ର ତଥା ରାଜ୍ୟ ଜନଶିକ୍ଷା ଓ ନିରନ୍ତର ଶିକ୍ଷା କେନ୍ଦ୍ର,ରାୟଗଡାର ପୂର୍ବତନ ନିର୍ଦ୍ଦେଶକ ଭାଗବତ ପାଢୀ ନିଜର ମତାମତ ଦେଇଥିଲେ।ଶେଷରେ ଆୟୋଜିତ ବିଦ୍ୟାଳୟର ଶିକ୍ଷୟତ୍ରୀ ସୁଜାତା ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମକୁ ମହାରାଜାଙ୍କ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ସୁଲତା ଶୁଭଦର୍ଶନୀ ସଂଯୋଜନା କରିଥିଲେ। ଆୟୋଜିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ତଥା ଜିଲ୍ଲା ଶିକ୍ଷା ବିଭାଗର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

## ଅଧ୍ୟାପକ ଅଭାବ ନେଇ ପାଠପଢ଼ାରେ ବାଧାପ୍ରାପ୍ତ

### ମହାବିଦ୍ୟାଳୟ ପାଟକ ସମ୍ମୁଖରେ ଧାରଣା : ପ୍ରତିଶ୍ରୁତି ପରେ ହଟିଲେ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ପାଟ କ ସମ୍ମୁଖ ରେ ଅଧ୍ୟାପକ ନିଯୁକ୍ତି ନେଇ ଛାତ୍ରଛାତ୍ରୀ ମାନେ ଧାରଣା ଦେଇଛନ୍ତି । ସୂଚନା ରୁ ପ୍ରକାଶ ପାଟଣା ମହାବିଦ୍ୟାଳୟ ରେ ବିଜ୍ଞାନ ବଟନି ଓ କଳା ଇତିହାସ ବିଭାଗ ଅଧ୍ୟାପକ ଭାବେ ରୁ ପାଠପଢ଼ା ବାଧାପ୍ରାପ୍ତ ନେଇ ଛାତ୍ରଛାତ୍ରୀ ମାନେ ମହାବିଦ୍ୟାଳୟ ପାଟକ ସମ୍ମୁଖ ରେ ଧାରଣା ଦେଇ ଛନ୍ତି। ଏନେଇ ମହାବିଦ୍ୟାଳୟ ଅଧକ୍ଷ ଜଗନ୍ନାଥ ମହାନ୍ତ ଙ୍କୁ ପଚାରି ବାରୁ ମହାବିଦ୍ୟାଳୟ ର ଦୁଇଟି ବଟନୀ ଓ ଇତିହାସ ବିଭାଗ ନିମନ୍ତେ ନୂତନ ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରିବା ସହ ଧାରଣା ରେ ବସିଥିବା ଛାତ୍ରଛାତ୍ରୀ ମାନଙ୍କୁ ଉଠିବାକୁ ବୁଝାସୁଜା କରିବା ସମୟରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ସେଠୀ,ଶେଖର ଚନ୍ଦ୍ର ଜେନା,ପାଟଣା ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ରମ,ବିଡିଓ ମାନସ କୁମାର ଦଣ୍ଡପାଟ,ଘଟଣା ସ୍ଥଳ ରେ ପହଞ୍ଚି ଛାତ୍ରଛାତ୍ରୀ ତଥା ନୂତନ ମହାବିଦ୍ୟାଳୟ ଅଧକ୍ଷ ଜଗନ୍ନାଥ ମହାନ୍ତ ଙ୍କ ସହ ଆଲୋଚନା କରିବା ପରେ ମହାବିଦ୍ୟାଳୟ ପାଇଁ ନୂତନ ଅଧ୍ୟାପକ ନିଯୁକ୍ତି ପାଇଁ ପ୍ରକାଶ ଥିବା ବିଜ୍ଞାପନ ଆଧାର ରେ ୧୫ଦିନ ମଧ୍ୟରେ ବଟନୀ ଓ ଉଁ ଇତିହାସ ବିଭାଗ ଅଧ୍ୟାପକ ନିଯୁକ୍ତି କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପରେ ଛାତ୍ରଛାତ୍ରୀ ଙ୍କ ଦାବି ପୂରଣ ଧାରଣା ରୁ ଛାତ୍ରଛାତ୍ରୀ ମାନେ ଉଠି ଥିବା ଦେଖିବାକୁ ମିଳିଛି।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ରୋହିବାଙ୍କ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ଭୂଦାନ



ଓଡ଼ଗାଁ,(ମହାଭାରତ):ଓଡଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ଗ୍ରାମବାସୀ ଓ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟ, ପରିଚାଳନା କମିଟି ଓ ଗ୍ରାମବାସୀ ଓଡଗାଁ ତହସିଲଦାର ଡ଼ଃ ମାନସ ରଞ୍ଜନ ଭୋଇ ମହୋଦୟଙ୍କୁ ଭେଟି ୨ ଏକରରୁ ଉର୍ଦ୍ଧ ଜମିପଟା ପ୍ରଦାନ କରିଛନ୍ତି। ସୂଚନନୁଯାୟୀ ରୋହିବାଙ୍କ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଆବଶ୍ୟକ ଜମିଥିଲେ ମଧ ତାହା ସାବକପଟା ଓ କୋବଲା ହୋଇ ଦୀର୍ଘ ଦିନଧରି ବିଦ୍ୟାଳୟ ନଥିପତ୍ରରେ ନାମିତହୋଇ ରହିଥିଲା।ଏନେଇ ରୋହିବାଙ୍କ ଗ୍ରାମବାସୀ ପୂର୍ବତନ ଲୋକସଭା ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂକୁ ଲିଖିତଭାବେ ଜଣାଇ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ।ଯାହାକି ପୂର୍ବତନ ସାଂସଦ ସିଂ ଙ୍କ ଉଦ୍ୟମକ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ଚିଠି ନଂ ୩୦୧୮ ତା ୧୧.୧୧.୨୦୨୫ ଓ ଏସପିଡି ଓସେପା ଙ୍କ ଚିଠି ନଂ ୪୪୮ ତା ୯-୪-୨୦୨୬ ଓ ନୟାଗଡ଼ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ଚିଠି ନଂ ୧୦୪୮ ତା ୨୦.୦୪. ୨୬ ମୁତାବକ ଆବଶ୍ୟକ ଜମିତଥ୍ୟ ପ୍ରଦାନ କରିବାକୁ ବିଦ୍ୟାଳୟ କୁ କୁହାଯାଇଥିଲା।କିନ୍ତୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକ ବିଦ୍ୟାଳୟ ନାମରେ ଥିବା ମାତ୍ର ଏ ୧. ୨୦ ଡ଼ିସିମିଲି ବିଷୟରେ ତଥ୍ୟ ପ୍ରଦାନ କରିଥିଲେ।ଏବଂ ଦୀର୍ଘ ୫୦ ବର୍ଷ ପୂର୍ବରୁ ବିଦ୍ୟାଳୟ ନାମେ ଦାନସୂତ୍ରେ ପ୍ରଦାନ କରିଥିବା ଆଦି ସୁବୁଦ୍ଧିଙ୍କ,ଅରକ୍ଷିତ ପ୍ରଧାନଙ୍କ,ଦାଶ ପ୍ରଧାନ,ପୁରୁଷୋତ୍ତମ ନାୟକ,ଲଡୁ ପ୍ରଧାନ,ରାମଚନ୍ଦ୍ର ପ୍ରଧାନ,ସାରଦା ଦେବୀ,ଅମୁଲ୍ୟ ପ୍ରଧାନ,ଅରି ପ୍ରଧାନ,ଶ୍ୟାମ ପ୍ରଧାନ ଓ ଫକୀର ପ୍ରଧାନଙ୍କ

## ଗଞ୍ଜେଇ ସହ ୫ ଗିରଫ, କାର ଓ ୬ ମୋବାଇଲ ଜବତ



ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଦେଇ ଉତ୍ତରପ୍ରଦେଶ ଅଭିମୁଖେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଚାରମାଳ ପୋଲିସକୁ ମିଳିଛି ବଡ଼ ସଫଳତା। ସୋନପୁର ଅଞ୍ଚଳରୁ ମୋଚିବାହାଲ ଜଙ୍ଗଲ ରାସ୍ତା ଦେଇ ଏକ ହୁଣ୍ଡାଇ କାରରେ ଗଞ୍ଜେଇ ନେଇ ଉତ୍ତରପ୍ରଦେଶ ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସୂଚନାରୁ ପ୍ରକାଶ ଯେ ପାଇ ଚାରମାଳ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଗାଡ଼ିକୁ ପିଛା କରି ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାରରୁ ୨୭ କିଲୋ ୯୮୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଏହାସହ ଗୋଟିଏ ଧଳା ରଙ୍ଗର ଜରି ବ୍ୟାଗ, ଗୋଟିଏ ହୁଣ୍ଡାଇ କାର, ୬ଟି ମୋବାଇଲ ଫୋନ୍ ଏବଂ ୧,୦୬୦ ଟଙ୍କା ନଗଦ ଜବତ କରିଛି ପୋଲିସ।ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୀପକ କର୍ମୀ, ତପନ ନାଏକ, ତ୍ରିଭୁବନ ସିଂହ ଯାଦବ, ରବି ପ୍ରକାଶ ଯାଦବ ଓ ସତୀଶ କୁମାର ଗୌଡ଼। ପଞ୍ଚଜଣଙ୍କୁ କୋର୍ଟ ଚାଲାଣ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା।

## ତିନି ସନ୍ଦିଗ୍ଧଙ୍କୁ କାବୁ କରି ପୋଲିସ ଜିମା ଦେଲେ ଗ୍ରାମବାସୀ ଅନ୍ୟ ତିନି ଜଣ ଫେରାର




ଆସିକା (ମହାଭାରତ): ଆସିକା ଥାନା ଅନ୍ତର୍ଗତ ସମେଇଗୁଡା ଗ୍ରାମରେ ସନ୍ଦେହ ଜନକ ଭାବେ ବୁଲୁଥିବା ତିନି ଜଣ ସନ୍ଦିଗ୍ଧଙ୍କୁ ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ଏନେଇ ଆସିକା ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରଜୁକରି ଗୋଟିଏ ବାଇକ ଜବତ କରିବା ସହ ତିନିଜଣଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଗତକାଲି ଆସିକା ବ୍ଲକଓ ଆସିକା ଥାନା ଅଧୀନ ସମେଇଗୁଡ଼ା ଗ୍ରାମରେ ସନ୍ଧ୍ୟା ୫ଘଣ୍ଟ ସମୟରେ ଦୁଇଟି ବାଇକରେ ଛଅ ଜଣ ବେପରୁଆ ଭାବେ ଗାଡି ଚଳାଇ ଆସି ସନ୍ଦେହ ଜନକ ଭାବେ ଗ୍ରାମରେ ବୁଲିବା ସହ ମହିଳା ମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସମୟରେ ଗ୍ରାମର ଗଦାଧର ପାତ୍ର (୪୮)ଙ୍କ ସମେତ କିଛି ଗ୍ରାମବାସୀ ସେମାନଙ୍କୁ ଅଟକାଇବାରୁ ଉକ୍ତ ଯୁବକ ମାନେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଆମେ ରମେଶ ଜେନାର ପିଲା ଆମର କିଏ କିଛି କରିପାରିବନି।କହିବା ସହ ପାଟିତୁଣ୍ଡ କରିଥିଲେ ଫଳରେ ଗ୍ରାମବାସୀ ସେମାନଙ୍କୁ ଜୋରଜବରଦସ୍ତ ଅଟକାଇବାରୁ ଘଟଣାସ୍ଥଳରୁ ତିନି ଜଣ ଫେରାର ହୋଇଯାଇଥିଲେ। ଅନ୍ୟ ତିନିଜଣ ଙ୍କୁ ଗ୍ରାମବାସୀ କାବୁ କରି ଆସିକା ପୋଲିସକୁ ଖବର ଦେଇଥିଲେ।ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀ କାବୁ କରିଥିବା ତିନି ଜଣ ଯୁବକ ସହ ଗୋଟିଏ ବାଇକ ଜବତ କରିଛି। ଏନେଇ ଗଦାଧର ପାତ୍ର ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଆସିକା ଥାନା ପକ୍ଷରୁ କେସ ନମ୍ବର ୫୦୪/୨୬ରେ ପୋଲିସ ମାମଲା ରଜୁକରି ପାଟପୁର ଥାନାଖଲିଙ୍ଗି ଗ୍ରାମର ସନ୍ଦୀପ ବେହେରା(୨୧) ପିତା ଟୁଲୁ ବେହେରା, ଟୁଲୁ ବେହେରା (୨୮)ପିତା କାଲୁ ବେହେରା ଓ ହିଞ୍ଜିଳି କାଟୁ ଥାନା ଆଡପଡା ଗ୍ରାମର ସାଗର ପ୍ରଧାନ (୨୧)ପିତା ଭଗବାନ ପ୍ରଧାନ ସହ ଗୋଟିଏ ବାଇକ ନମ୍ବର ଓଡ଼ି ୦୭ଏଟି ୯୩୨୪ କୁ ଜବତ କରି ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରିଛି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ୭ ବର୍ଷ ପରେ ଭାରତ ଆସୁଛନ୍ତି ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ



ନୂଆଦିଲ୍ଲୀ : ୭ ବର୍ଷ ପରେ ଭାରତ ଆସୁଛନ୍ତି ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ । ଶନିବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ଦ୍ୱିପାକ୍ଷିକ ଆଲୋଚନାର ସମ୍ଭାବନା ରହିଛି । ୧୨ ଓ ୧୩ ରେ ନୂଆଦିଲ୍ଲୀରେ ହେଉଥିବା ୧୮ତମ ଇଜଓଉଝ ଶିଖର ସମ୍ମିଳନୀ ଅବସରରେ ଦୁଇ ନେତା ପରସ୍ପରକୁ ଭେଟିବେ । ୨୦୨୦ର ଗଲୱାନ ସଂଘର୍ଷ ପରେ ଭାରତ ମାଟିରେ ଏହା ମୋଦି ଓ ଜିନପିଙ୍ଗଙ୍କ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ।

୨୦୨୦ ଜୁନ୍ ୧୫ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ୍ ସେନା ମଧ୍ୟରେ ହୋଇଥିଲା ରକ୍ତାକ୍ତ ସଂଘର୍ଷ । ଏଥିରେ କର୍ଣ୍ଣେଲ୍ ବି. ସନ୍ତୋଷ ବାବୁଙ୍କ ସମେତ ୨୦ ଭାରତୀୟ ଯବାନ ସହିଦ ହୋଇଥିଲେ । ଏହି ଘଟଣା ପରେ ଦୁଇ ଦେଶ ଭାରତ-ଚୀନ ସମ୍ପର୍କ ଦଶନ୍ଧିର ସବୁଠାରୁ ଖରାପ ସ୍ତରକୁ ଖସିଯାଇଥିଲା । ସୀମାରେ ବିପୁଳ ସେନା ମୁତୟନ ସହ ଦୁଇ ପକ୍ଷ ମଧ୍ୟରେ ଅବିଶ୍ୱାସ ବଢ଼ିଥିଲା ।

ତେଣୁ ଦିଲ୍ଲୀର ମୋଦି-ଜିନପିଙ୍ଗ ଭେଟକୁ କେବଳ ଏକ ଔପଚାରିକ ବୈଠକ ଭାବେ ଦେଖାଯାଉନାହିଁ । ୨୦୨୪ରେ ସୀମାରେ ପାଟ୍ରୋଲିଂ ଓ ସେନା ପ୍ରତ୍ୟାହାରକୁ ନେଇ ହୋଇଥିବା ବୁଝାମଣା ପରେ ସମ୍ପର୍କରେ ଧୀରେ ଧୀରେ ସୁଧୁରିଛି । ଭାରତ ସ୍ପଷ୍ଟ କରିଆସିଛି, ଖଇଉରେ ଶାନ୍ତି ଓ ସ୍ଥିରତା ନ ଫେରିଲେ ଦ୍ୱିପାକ୍ଷିକ ସମ୍ପର୍କ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇପାରିବ ନାହିଁ । ସେଥିପାଇଁ ସୀମା ବିବାଦ ଓ ଉତ୍ତେଜନା ହ୍ରାସ ମୋଦି–ଜିନପିଙ୍ଗ ଆଲୋଚନାର ଅନ୍ୟତମ ପ୍ରମୁଖ ପ୍ରସଙ୍ଗ ହେବାର ସମ୍ଭାବନା ରହିଛି ।

ଭାରତ ପାଇଁ ଆଉ ଏକ ଚିନ୍ତା ହେଉଛି ଚୀନ୍ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ସାମରିକ ସହଯୋଗ । ପାକିସ୍ତାନକୁ ଚୀନ୍ ଅସ୍ତ୍ରଶସ୍ତ୍ର ଓ ଅତ୍ୟାଧୁନିକ ସାମରିକ ପ୍ଲାଟଫର୍ମ ଯୋଗାଇବା ଭାରତ ପାଇଁ ଦୁଇଟି ଫ୍ରଣ୍ଟରେ ସୁରକ୍ଷା ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଏହା ସହ ପାକିସ୍ତାନ ଅଧିକୃତ କାଶ୍ମୀର ଦେଇ ଯାଇଥିବା ଉଷସଭବ–ଚବଳସଶ୍ୱଶ୍ୱବଭ ରମକ୍ଷଭକ୍ଷଙ୍କସମ ଉକ୍ଷକ୍ସକ୍ସସୟକ୍ଷକ୍ସ ବା ଉଚରଉକୁ ନେଇ ଭାରତର ଆପତ୍ତି ଜାରି ରହିଛି ।

ସୀମା ବିବାଦ ସତ୍ତ୍ୱେ ଭାରତ–ଚୀନ୍ ବାଣିଜ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି । ସିଧାସଳଖ ବିମାନ ସେବା ଓ ସୀମା ବାଣିଜ୍ୟ ଭଳି କେତେକ ସଂଯୋଗ ପୁଣି ଆରମ୍ଭ ହୋଇଛି । ଭାରତ ଚୀନ୍ ପୁଞ୍ଜିନିବେଶ ଉପରେ ଥିବା କେତେକ କଟକଣାକୁ ମଧ୍ୟ କୋହଳ କରିଛି । କିନ୍ତୁ ବାଣିଜ୍ୟ ନିଅଣ୍ଟ, ଭାରତୀୟ ସାମଗ୍ରୀ ପାଇଁ ଚୀନ୍ ବଜାରରେ ସୁଯୋଗ, ଭିସା, ପ୍ରଯୁକ୍ତି ଓ ଗୁରୁତ୍ୱପୂର୍ଣ୍ଣ ଉପକରଣ ଯୋଗାଣ ଭଳି ପ୍ରସଙ୍ଗରେ ମତଭେଦ ରହିଛି ।

ଜିନପିଙ୍ଗ ଶେଷଥର ୨୦୧୯ରେ ଭାରତ ଆସିଥିଲେ । ଏବେ ୭ ବର୍ଷ ପରେ ତାଙ୍କ ଭାରତ ଗସ୍ତ ଏବଂ ମୋଦିଙ୍କ ସହ ଆଲୋଚନାକୁ ଦୁଇ ଏସୀୟ ଶକ୍ତି ମଧ୍ୟରେ ସମ୍ପର୍କ ସୁଧାରର ବଡ଼ ପରୀକ୍ଷା ଭାବେ ଦେଖାଯାଉଛି । ସୀମାରେ ଶାନ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶଠାରୁ ଆରମ୍ଭ କରି ବିଶ୍ୱର ବଦଳୁଥିବା ଭୂ-ରାଜନୈତିକ ପରିସ୍ଥିତି ପର୍ଯ୍ୟନ୍ତ ଦିଲ୍ଲୀର ଏହି ମୋଦି–ଜିନପିଙ୍ଗ ଭେଟ ଉପରେ ସମଗ୍ର ବିଶ୍ୱର ନଜର ରହିବ ।

# ଅଭିଷେକ ବାନାର୍ଜୀଙ୍କ ପିଏ ସୁମିତ ରାୟ ସିଆଇଡି ଦ୍ୱାରା ଗିରଫ



କୋଲକାତା: ସୁପ୍ରିମକୋର୍ଟ ଆଗୁଆ ଜାମିନ୍ ଦେବାକୁ ମନା କରିବା ପରେ ସାଲବୋନି ଜମି ହଡ଼ପ ମାମଲାରେ ଅଭିଷେକ ବାନାର୍ଜୀଙ୍କ ପିଏ ସୁମିତ ରାୟ ଗୁରୁବାର ସିଆଇଡି ଦ୍ୱାରା ଗିରଫ ହୋଇଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଧାନସଭାରେ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ସୁରକ୍ଷା ପ୍ରତ୍ୟାହାର ହେବା ପରେ ୧୨୧, କାଳୀଘାଟ ରୋଡସ୍ଥିତ ଟିଏମ୍?ସି କାର୍ଯ୍ୟାଳୟରୁ ରାୟଙ୍କୁ ଗିରଫ କରାଯାଇଛି । ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ରାୟ ଅଭିଷେକ ବାନାର୍ଜୀଙ୍କ ପକ୍ଷରୁ ଟଙ୍କା ସଂଗ୍ରହରେ ସାମିଲ ଥିଲେ । ପଶ୍ଚିମ ମେଦିନୀପୁର ଜିଲ୍ଲାର ଏକ କୋର୍ଟ ଜୁନ୍ ୧୫ ତାରିଖରେ ରାୟଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ, ଯାହା ପରେ ସେ ପ୍ରଥମେ କୋଲକାତା ହାଇକୋର୍ଟ ଓ ପରେ ଗିରଫ ପୂର୍ବରୁ ଜାମିନ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଅଗଷ୍ଟ ୬ ତାରିଖରେ ସର୍ବୋଚ୍ଚ ଅଦାଲତ ରାୟଙ୍କୁ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଦାଖଲ କରିବାକୁ ଅନୁମତି ଦେଇଥିଲେ ଓ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କ ଗିରଫଦାରୀ ଉପରେ ସ୍ଥଗିତାଦେଶ ଲଗାଇଥିଲେ । ସିଆଇଡିର ଏହି କାର୍ଯ୍ୟାନୁଷ୍ଠାନ ଝାଡ଼ଗ୍ରାମରେ ହୋଇଥିବା କଥିତ ଜମି ଦୁର୍ନୀତିର ତଦନ୍ତର ଏକ ଅଂଶ ।

# ଲଦାଖ ପ୍ରସଙ୍ଗରେ ଆନ୍ଦୋଳନ କରିବାକୁ ଧମକ ଦେଲେ ୱାଙ୍ଗଚୁକ୍



ନୂଆଦିଲ୍ଲୀ: ଶିକ୍ଷାବିତ୍ ତଥା ସାମାଜିକ କର୍ମକର୍ତ୍ତା ସୋନମ୍ ୱାଙ୍ଗଚୁକ୍ ଲଦାଖ ପ୍ରସଙ୍ଗରେ ପୁଣି ଥରେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି । ଲଦାଖ ସହ ଜଡିତ ସମସ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କଠାରୁ ଗୋଟିଏ ସପ୍ତାହ ମଧ୍ୟରେ ପ୍ରତିଶ୍ରୁତି ନ ମିଳିଲେ ସେ ସେପ୍ଟେମ୍ବର ୧୯ ରୁ ୨୪ ପର୍ଯ୍ୟନ୍ତ ନୂଆକରି ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି । ଲଦାଖରେ ହିଂସା ପରେ ଗତବର୍ଷ ସେପ୍ଟେମ୍ବରରେ କଠୋର ଜାତୀୟ ସୁରକ୍ଷା ଆଇନ (ଏନ୍ଏସ୍ଏ)ରେ ୱାଙ୍ଗଚୁଙ୍ଗଙ୍କୁ ଗିରଫ କରାଯିବା ପରେ ଯୋଧପୁର ଜେଲରେ ଛଅ ମାସ ରଖା ଯାଇଥିଲା । ଗତବର୍ଷ ଲଦାଖ ପାଇଁ ରାଜ୍ୟ ମାନ୍ୟତା ଦାବିରେ ଚାଲିଥିବା ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ଓ ୪ ଜଣଙ୍କର ମୃତ୍ୟୁ, ୧୨ରୁ ଅଧିକ ଆହତ ହୋଇଥିଲେ । କେନ୍ଦ୍ର ସରକାର ଏହି ଆନ୍ଦୋଳନ ପାଇଁ ୱାଙ୍ଗଚୁକ୍ଙ୍କୁ ଦାୟୀ କରି ଗତବର୍ଷ ଗିରଫ କରିଥିଲେ ।

ମାର୍ଚ୍ଚ ୨୦୨୬ରେ ସେ ଜେଲ୍ରୁ ମୁକ୍ତ ହୋଇଥିଲେ । ଏହାର କିଛି ମାସ ପରେ ଦିଲ୍ଲୀରେ ନିଟ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ ହୋଇଥିବା ଛାତ୍ର ଆନ୍ଦୋଳନରେ ୱାଙ୍ଗଚୁକ୍ ଅନଶନ କରିଥିଲେ । ଗୁରୁବାର ୱାଙ୍ଗଚୁକ୍ କହିଥିଲେ ଯେ, ଲଦାଖର ପ୍ରମୁଖ ନେତା ଓ ନୂଆଦିଲ୍ଲୀରେ ଗୃହ ମନ୍ତ୍ରଣାଳୟ ସବ୍-କମିଟି ମଧ୍ୟରେ ଆଲୋଚନା ଯେପରିଭାବେ ହୋଇଛି ତାହା ତାଙ୍କୁ ନିରାଶ କରିଛି । ବୈଠକ ଉପରେ କଟାକ୍ଷ କରି ୱାଙ୍ଗଚୁକ୍ ଲୋକପ୍ରିୟ ହାସ୍ୟାଭିନେତା ଜସପାଲ ଭଟ୍ଟିଙ୍କ ଶୋ'ର ଏକ ପୁରୁଣା କ୍ଲିପ୍ ସେୟାର କରି କହିଥିଲେ ଯେ, ଆଲୋଚନା ସମୟରେ କିଛି ନୂତନ ହୋଇନଥିଲା । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଡକାଯାଇଥିବା ଏହି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା ।

## ମରାମତି ପାଇଁ ରହିଥିବା ଜାହାଜରେ ଭୟଙ୍କର ନିଆଁ, ୨୦ରୁ ଅଧିକ ମୃତ ଆଶଙ୍କା

ଚୀନ : ଚୀନର କିଙ୍ଗଦାଓ ସିପୟାର୍ଡରେ ଥିବା ଏକ ବିଦେଶୀ ମାଲବାହୀ ଜାହାଜରେ ଭୟଙ୍କର ନିଆଁ ଲାଗିଛି । ଘଟଣାରେ ୨୦ରୁ ଅଧିକ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । କିନ୍ତୁ ଚୀନ ଏହାକୁ ନେଇ କୌଣସି ଅଫିସିଆଲ ମତ ଦେଇନାହିଁ । ଚୀନ ପ୍ରଧାନମନ୍ତ୍ରୀଙ୍କ ମୁତାବକ, ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ନିଆଁକୁ କଣ୍ଟ୍ରୋଲ କରିବା ପାଇଁ ଅଗ୍ନିଶମ ଟିମ୍ ଏବଂ ଅନେକ ଟିମ୍ ସିପୟାର୍ଡରେ ଉପସ୍ଥିତ ରହିଛି । ସିସିଟିଭି ଭିଡିଓ ମୁତାବକ, ମାଲବାହୀ ଜାହାଜ ମରାମତି ପାଇଁ ସିପୟାର୍ଡକୁ ଯାଇଥିଲା । ହେଲେ ହଠାତ୍ ନିଆଁ ଲାଗିଯାଇଥିଲା । ଘଟଣା ପରେ ଚୀନ ରାଷ୍ଟ୍ରପତି ଉଦ୍ଧାର କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଜାହାଜରେ ନିଆଁ ଲାଗିଛି, ତାହା ଲାଇବେରିଆର ପତାକା ମାଲବାହୀ ପୋତ ଓଶନ ମେଲୋଡି ବୋଲି ଜଣାପଡିଛି । ତେବେ ଏହାକୁ କିଏ ବ୍ୟବହାର କରୁଥିଲା, ତାହାର ସବିଶେଷ ବିବରଣୀ ଏଯାଏଁ ଜଣାପଡିନାହିଁ । ଏହି ଜାହାଜ ମରାମତି ପାଇଁ ଆସିଥିଲା । ତେଣୁ ମୃତକଙ୍କ ମଧ୍ୟରେ ଅଧିକାଂଶ ସିପୟାର୍ଡର କର୍ମଚାରୀ ରହିଛନ୍ତି । ଏମାନେ ମରାମତି କାମରେ ନିୟୋଜିତ ଥିଲେ ।

କିଙ୍ଗଦାଓ ଚାଇନା ଷ୍ଟେଟ ସିପବିଲିଡିଂ କର୍ପୋରେସନର ଏକ ପ୍ରମୁଖ ଜାହାଜ ନିର୍ମାଣ କାରଖାନା । ଏଠାରେ ବାଣିଜ୍ୟକ ଜାହାଜ ତିଆରି ଏବଂ ମରାମତି କରାଯାଏ । ଏହି ସିପୟାର୍ଡ ୮୧୫ ଏକରରେ ପରିବ୍ୟାପ୍ତ ।

## ଭୁଶୁଡିଲା ନିର୍ମାଣାଧୀନ ବ୍ରିଜର ଲାଞ୍ଚର, ୮ ଶ୍ରମିକ ଗୁରୁତର



ବିହାର : ବିହାର ଲାଲଗଂଜରେ ଭୁଶୁଡିଲା ନିର୍ମାଣାଧୀନ ବ୍ରିଜର ଲାଞ୍ଚର । ଲାଞ୍ଚର ଭୁଶୁଡିବା ଯୋଗୁଁ ୮ ଜଣ ଶ୍ରମିକ ଆହତ ହୋଇଛନ୍ତି । ଘଟଣାରେ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଅଘଟଣ ପରେ ଘଟଣା ସ୍ଥଳରେ ପ୍ରବଳ ଭିଡ଼ ଜମିଥିଲା । ଏହାପରେ ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଏମାନଙ୍କ ଚିକିତ୍ସା ଜାରି ରହିଛି । ଖବର ମୁତାବକ, ବୈଶାଳୀ ଲାଲଗଂଜରେ ଭାରତମାଳା ପରିଯୋଜନା ଅଧିନରେ ଏନଏଚଏଆଇର ଏନଏଚ–୧୩୯ ଡବ୍ଲ୍ୟୁଲ ଫୋରଲେନରେ ବଡ଼ ଅଘଟଣ ଘଟିଛି । ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ନିର୍ମାଣାଧୀନ ବ୍ରିଜର ଲାଞ୍ଚର ହଠାତ୍ ଭୁଶୁଡି ପଡିଥିଲା । ଏହି ଘଟଣାରେ ଅନେକ ଶ୍ରମିକ ଆହତ ହୋଇଥିଲେ । ଶ୍ରମିକମାନେ ଲୁହା ତଳେ ଚାପି ହୋଇ ପଡିଥିଲେ । ଏମାନଙ୍କୁ ମେସିନ ସହାୟତାରେ କାଟି ଉଦ୍ଧାର କରାଯାଇଛି । ଘଟଣା ପରେ ନିର୍ମାଣ ସ୍ଥଳରେ ଲୋକମାନେ ଦୌଡଧାପଡ କରିଥିଲେ । ତୁରନ୍ତ ଆହତଙ୍କୁ ଲାଲଗଂଜ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ହସପିଟାଲରେ ଆହତ ୬ କର୍ମଚାରୀଙ୍କ ଚିକିତ୍ସା ଚାଲିଛି । କିଛି ଆହତଙ୍କ ଗୁରୁତର ସ୍ଥିତି ଦେଖି ଅନ୍ୟ ହସପିଟାଲକୁ ରେଫର କରାଯାଇଛି । ପୋଲିସ ଏବଂ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି । ନିର୍ମାଣ ସମୟରେ ସୁରକ୍ଷା ମାନକ ପାଳନ କରାଯାଇଥିଲା କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି । ତେବେ ଘଟଣା ସମୟରେ ଜଣେ ଯୁବକଙ୍କ ଗୋଡ଼ ଉପରେ ଲୁହା ଲାଞ୍ଚର ଖସିପଡିଥିଲା । ତେଣୁ ତୁରନ୍ତ ତାଙ୍କୁ ଉଦ୍ଧାର କରିବା ପାଇଁ ଲୁହା କାଟି ତାଙ୍କୁ ଉଦ୍ଧାର କରାଯାଇଥିଲା ।

## ବ୍ରିକ୍ସ ସମ୍ମିଳନୀ ଉପରେ ପ୍ରଶ୍ନ ଉଠାଇଲେ ଚିଦାମ୍ବରମ୍




ନୂଆଦିଲ୍ଲୀ: ଦିନକ ପରେ ନୂଆଦିଲ୍ଲୀରେ ବ୍ରିକ୍ସ ଶିଖର ସମ୍ମିଳନୀ ଆରମ୍ଭ ହେବାକୁ ଥିବାବେଳେ ଏହାକୁ ନେଇ ରାଜନେତିକ ବିବାଦ ଆରମ୍ଭ ହୋଇଯାଇଛି । କଂଗ୍ରେସ ସାଂସଦ ପି ଚିଦାମ୍ବରମ ଏପରି କାର୍ଯ୍ୟକ୍ରମରୁ ଭାରତ ଆଖିଦୃଶିଆ ଲାଭ ପାଇନାହିଁ ବୋଲି କହିଥିବାବେଳେ ବିଜେପି ବିରୋଧୀ ଦଳର କୂଟନୀତି ଆଭିମୁଖ୍ୟ ଉପରେ ସମାଲୋଚନା କରିଛି । ୧୮ ତମ ବ୍ରିକ୍ସ ସମ୍ମିଳନୀ ରବିବାର ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିବାକୁ ଥିବାବେଳେ ଭାରତ ଏହାର ଅଧ୍ୟକ୍ଷତା କରିବ । ବୁଧବାର କଂଗ୍ରେସ ନେତା ଚିଦାମ୍ବରମ୍ କହିଛନ୍ତି ଯେ, ଭାରତ ବ୍ରିକ୍ସ, ସାଂଘାଇ ସହଯୋଗ ସଙ୍ଗଠନ, ଜି୨୦ ଓ କ୍ୱାଡ୍ ସମେତ ଅନେକ ବହୁପାକ୍ଷିକ ଗୋଷ୍ଠୀର ଅଂଶ, କିନ୍ତୁ ଏହାଦ୍ୱାରା ଦେଶ କେଣସି ଠୋସ୍ ଲାଭ ପାଇନାହିଁ । ଚିଦାମ୍ବରମ୍ କହିଛନ୍ତି, ମୁଁ ଜାଣିନାହିଁ କେତେ ଜଣ ରାଷ୍ଟ୍ରପତି ଓ କେତେ ଜଣ ପ୍ରଧାନମନ୍ତ୍ରୀ ଆସୁଛନ୍ତି । କିନ୍ତୁ ଗତ ଦୁଇ କିମ୍ବା ତିନୋଟି ବ୍ରିକ୍ସ ସମ୍ମିଳନୀର କୌଣସି ସୁଫଳ ମିଳିଥିବା ଦେଖିନାହିଁ । ତେବେ ବିଜେପି ଏହାକୁ ନେଇ କଂଗ୍ରେସ ପାର୍ଟି ଓ ଚିଦାମ୍ବରମ୍‌ଙ୍କ ଉପରେ ପ୍ରଶ୍ନ ଉଠାଇଛି । ବିଜେପି ନେତା ନଳୀନ କୋହଲି କହିଛନ୍ତି, କଂଗ୍ରେସ ଦଳର ଉଦ୍ଦେଶ୍ୟ କ'ଣ କୂଟନୀତିକୁ କ'ଣ ଏକ କାରବାର ଭାବରେ ଦେଖାଯିବ । ତଥାକଥିତ ଆଖିଦୃଶିଆ ଫଳାଫଳ କ'ଣ ମୁଁ କହିବାକୁ ଚାହୁଁଛି, ଯଦି ଆମେ ଦୃଶ୍ୟମାନ ଫଳାଫଳ ବିଷୟରେ କଥା ହେବା, ତେବେ ଆମେ ପ୍ରଶ୍ନ କରିପାରିବା ଯେ, ୧୯୪୭ ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ଦଳର ସମ୍ପୂର୍ଣ୍ଣ ଆଭିମୁଖ୍ୟ କ'ଣ ଥିଲା ବିଜେପି ଜାତୀୟ ପ୍ରବକ୍ତା ପ୍ରଦୀପ ଭଣ୍ଡାରୀ କହିଛନ୍ତି, କଂଗ୍ରେସ 'ନାରାଜ ଫୁଫା' ପରି ବ୍ରିକ୍ସ ସମ୍ମିଳନୀକୁ ବିରୋଧ କରୁଛି । ଯେତେବେଳେ ଦେଶର ଉନ୍ନତି ହେବ, ଭାରତର ଗର୍ବ ବୃଦ୍ଧି ହେବ, କଂଗ୍ରେସ ଦଳ ସର୍ବଦା ଏହାକୁ ବିରୋଧ କରିବ । କଂଗ୍ରେସର ବରିଷ୍ଠ ନେତାମାନେ ଅନୁଭବ କରିବା ଆରମ୍ଭ କରିଛନ୍ତି ଯେ ସେମାନେ ତାଙ୍କ ଜୀବନକାଳରେ କେବେବି ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ହେବାର ଦେଖିପାରିବେ ନାହିଁ, କିମ୍ବା କଂଗ୍ରେସ କେବେବି ବ୍ରିକ୍ସ ସମ୍ମିଳନୀ ଆୟୋଜନ କରିବାର ସୁଯୋଗ ପାଇବ ନାହିଁ । ତେଣୁ ସେମାନେ ହୀନ ମନ୍ୟତାରେ ଏପରି କହୁଛନ୍ତି ।

# ୯ ଆମେରିକୀୟ ଯୁଦ୍ଧ ବିମାନକୁ କ୍ଷତି ପହଞ୍ଚାଇଛି ଇରାନୀ ଡ୍ରୋନ୍



ୱାସିଂଟନ/ତେହେରାନ: ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ପରିସ୍ଥିତି ଆଉ କେବଳ କ୍ଷେପଣାସ୍ତ୍ର ଆକ୍ରମଣ ଏବଂ ସାମରିକ ଘାଟି ପର୍ଯ୍ୟନ୍ତ ସୀମିତ ନାହିଁ, ବରଂ ଏହାର ପ୍ରଭାବ ସାମୁଦ୍ରିକ ପଥ ଏବଂ ବିଶ୍ୱ ତୈଳ ବଜାର ଉପରେ ମଧ୍ୟ ଲଗାତାର ପଡ଼ିବାରେ ଲାଗିଛି । ଜୋର୍ଡାନର ଆକାଶରୁ ହର୍ମୁଜ୍ ପ୍ରଣାଳୀ ପର୍ଯ୍ୟନ୍ତ, ଦୁଇ ଦେଶ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ଇରାନୀ ସେନା ଜୋର୍ଡାନରେ ଏକ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରିଥିବା ଦାବି କରିଛି, ସେହିପରି ଆମେରିକା ଇରାନୀ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଛି । ଅନେକ ବାଣିଜ୍ୟିକ ଜାହାଜ ମଧ୍ୟ ଆକ୍ରମଣର ଶିକାର ହୋଇଛି, ଯାହା ଫଳରେ ତେଲ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି ।ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଇରାନ ଜୋର୍ଡାନର ମୁୱାଫାକ ସାଲଟି ବାୟୁ ଘାଟିକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ମାଡ଼ କରିଥିଲା । ସୂତ୍ର ଅନୁସାରେ ଆମେରିକୀୟ ନେଟୱାର୍କ ସିବିଏସ ରିପୋର୍ଟ କରିଛି ଯେ, ଆଠଟି ଏଫ-୧୫ ଲଢୁଆ ବିମାନ ସାମାନ୍ୟ କ୍ଷତି ପାଇଛି । ଗୋଟିଏ ଏ-୧୦ ଥଣ୍ଡରବୋଲ୍ଟ ବିମାନର ବହୁତ କ୍ଷତି ହୋଇଛି । ବିମାନ ଏକ ଡେଣା ହରାଇଛି । ତେବେ କ୍ଷତିଗ୍ରସ୍ତ ଏଫ-୧୫ ବିମାନଗୁଡ଼ିକୁ ସେବାକୁ ପୁଣି ଫେରାଇ ନିଆଯାଇଛି ବୋଲି ଜଣାପଡ଼ିଛି ।

ଜୋର୍ଡାନ ସେନା ରିପୋର୍ଟ କରିଛି ଯେ ଇରାନ ମୋଟ ୨୦ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି । ଜୋର୍ଡାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି କ୍ଷେପଣାସ୍ତ୍ରଗୁଡ଼ିକ ମଧ୍ୟରୁ ୧୮ଟିକୁ ମଝି ଆକାଶରେ ରୋକିଥିଲା ଯେତେବେଳେ ଦୁଇଟି ଜନବସତି ଅଞ୍ଚଳରୁ ଦୂରରେ ପଡ଼ିଥିଲା । ଜୋର୍ଡାନ ଅନୁଯାୟୀ,ଆକ୍ରମଣରେ କୌଣସି କ୍ଷୟକ୍ଷତି ହୋଇଥିବାର ରିପୋର୍ଟ ନାହିଁ । ଏହି ସମୟରେ, ରିପୋର୍ଟ ସୂଚିତ କରୁଛି ଯେ ଇରାନୀ କ୍ଷେପଣାସ୍ତ୍ରଗୁଡ଼ିକୁ ପ୍ରତିହତ କରିବା ପାଇଁ ଆମେରିକା ସେନା ୩୦ରୁ ଅଧିକ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା । ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଜୋର୍ଡାନର ଆଜରାକ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିଥିବା ଦାବି କରିଛି । ଇରାନ କହିଛି ଯେ ଆକ୍ରମଣରେ ଏଫ-୩୫, ଏଫ-୧୬ ଏବଂ ଏଫ-୧୫ ଲଢୁଆ ବିମାନର ରକ୍ଷଣାବେକ୍ଷଣ ଏବଂ ନିୟୋଜିତ କରିବା ପାଇଁ ବ୍ୟବହୃତ ହ୍ୟାଙ୍ଗର ତଥା ବିମାନ ଆଶ୍ରୟସ୍ଥଳଗୁଡ଼ିକୁ ଟାର୍ଗେଟ କରାଯାଇଥିଲା । ଫଳରେ ବହୁ କ୍ଷୟକ୍ଷତି ହୋଇଥିଲା । ତେବେ ଏହି ଦାବିଗୁଡ଼ିକୁ ଆମେରିକା ଦ୍ୱାରା ସମ୍ପୂର୍ଣ୍ଣ ନିଶ୍ଚିତ କରାଯାଇ ନାହିଁ । ଇରାନ ଦାବି କରିଛି, ଆମେରିକା ଆମର ପାଞ୍ଚଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରିଥିଲା । ଏହାର ଜବାବରେ ଆମେ ହର୍ମୁଜ୍ ପ୍ରଣାଳୀ ପାଖରେ ଥିବା ୧୦ଟି ଜାହାଜ ଉପରେ ଆକ୍ରମଣ କରିଥିଲୁ । ତେବେ ଆମେରିକା ସେଣ୍ଟକମ୍ ଇରାନର ଏହି ଦାବିକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରି କହିଛି ଯେ, ଇରାନ ପକ୍ଷରୁ ଯୁଦ୍ଧଜାହାଜକୁ ଟାର୍ଗେଟ କରାଯାଇଥିଲା । ଏହି ସମ୍ପୂର୍ଣ୍ଣ ଘଟଣା ବିଶ୍ୱ ତୈଳ ବଜାରକୁ ମଧ୍ୟ ପ୍ରଭାବିତ କରିଛି । ଯୁଦ୍ଧ ବୃଦ୍ଧି ପାଉଥିବା ରିପୋର୍ଟ ମଧ୍ୟରେ, ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇଛି ଏବଂ ଜୁଲାଇ ପରେ ପ୍ରଥମ ଥର ପାଇଁ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପ୍ରତି ୧୦୦ ଡଲାର ଅତିକ୍ରମ କରିଛି । ଯଦି ଉତ୍ତେଜନା ଆହୁରି ବୃଦ୍ଧି ପାଏ, ତେବେ ଆଗାମୀ ଦିନରେ ଏହା ପେଟ୍ରୋଲ, ଡିଜେଲ ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟକୁ ପ୍ରଭାବିତ କରିପାରେ । ସାମୁଦ୍ରିକ ମାର୍ଗର ପରିସ୍ଥିତି ମଧ୍ୟ ଚିନ୍ତାଜନକ ରହିଛି । ଦୁବାଇ ନିକଟରେ ଏକ ତେଲ ଟ୍ୟାଙ୍କର ଆକ୍ରମଣ ଘଟଣାରେ ଜଣେ ନାବିକଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ନିଖୋଜ ଅଛନ୍ତି । ଏହି ସମୟରେ, ଇରାକୀ ଜଳସୀମାରେ ଅନ୍ୟ ଏକ ତେଲ ଟ୍ୟାଙ୍କର ଉପରେ ଡ୍ରୋନ୍ ଆକ୍ରମଣ ଯୋଗୁଁ ନିଆଁ ଲାଗିଯାଇଛି । ସୁରକ୍ଷା ଦୃଷ୍ଟିରୁ ଅନେକ ବାଣିଜ୍ୟିକ ଜାହାଜକୁ ସେମାନଙ୍କର କାର୍ଯ୍ୟ ବନ୍ଦ କରିବାକୁ ବାଧ୍ୟ କରାଯାଇଛି । ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଚାପ ବୃଦ୍ଧି ପାଇଛି । ପ୍ରାୟ ୨୦ ବର୍ଷ ପରେ, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)ର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଇରାନର ପରମାଣୁ ପ୍ରସଙ୍ଗକୁ ଜାତିସଂଘ ସୁରକ୍ଷା ପରିଷଦକୁ ପଠାଇବାକୁ ନିଷ୍ପତ୍ତି ନେଇଛି । ଏହି ପ୍ରସ୍ତାବ ସପକ୍ଷରେ ୨୩ଟି ଦେଶ ଭୋଟ ଦେଇଥିଲେ, ଯେତେବେଳେ ରୁଷ, ଚୀନ୍ ଏବଂ ନାଇଜର ଏହାକୁ ବିରୋଧ କରିଥିଲେ । ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ଜୋର୍ଡାନ, ଉପସାଗର, ବିଶ୍ୱ ତୈଳ ବଜାର ଏବଂ ଇରାନ ପରମାଣୁ ପ୍ରସଙ୍ଗକୁ ପ୍ରଭାବିତ କରିଛି ।

# ପାକିସ୍ତାନର ଧୂଳେଇ କଲା ଭାରତୀୟ ମହିଳା ଦଳ

## ୧୯-୦ରେ ଜିତିଲା, ପୂଜାଙ୍କ ହ୍ୟାଟ୍ରିକ

**ନୂଆଦିଲ୍ଲୀ, ୧୧।୯:** ଶନିବାର କ୍ରିକେଟରେ ପାକିସ୍ତାକୁ ଧୂଳି ଚଟାଇଥିଲା ଭାରତୀୟ ମହିଳା ଦଳ। ଆଉ ଗୁରୁବାର ପାକିସ୍ତାନକୁ ମାଟିରେ ଆଣ୍ଠେଇ ଦେଇଛି ଭାରତୀୟ ମହିଳା ହକି ଟିମ। ଆରମ୍ଭରୁ ଶେଷ ଯାଏ ପାକିସ୍ତାନ ମହିଳା ଟିମର ଧୂଳେଇ କରି ଜୁନିୟର ଏସିଆ କପ ସେମିରେ ପ୍ରବେଶ କରିଛି ଭାରତ। ଭାରତୀୟ ମହିଳା ଟିମ ଏକତରଫା ଭାବେ ପାକିସ୍ତାନକୁ ୧୯-୦ ଗୋଲ ବ୍ୟବଧାନରେ ହରାଇ ଏପରି ସଫଳତା ହାସଲ କରିପାରିଛି। ମ୍ୟାଚ୍‌ର ସମସ୍ତ ୪ଟି ଯାକ କ୍ୱାର୍ଟରରେ ଭାରତର ଦବଦବା ଦେଖିବାକୁ ମିଳିଥିଲା। ଶେଷରେ ଭାରତ ଟୁର୍ଣ୍ଣାମେଣ୍ଟ ଇତିହାସର ଅନ୍ୟତମ ବଡ ବିଜୟ ପାକିସ୍ତାନ ବିପକ୍ଷରେ ହାସଲ କରିଛି।

ଭାରତ ପାଇଁ ହରିୟାଣର ମିଡ ଫିଲ୍ଡର ପୂଜା ମଲିକ ହ୍ୟାଟ୍ରିକ ହାସଲ କରିଛନ୍ତି। ପାକିସ୍ତାନ ବିପକ୍ଷରେ ଖେଳୁଥିବା ୨ ଓଡିଆ ଝିଅ ପୂଜା ସାହୁ ଓ ତନୁଜା ଟପ୍ପ ମଧ ନିଜ ନିଜ ଯାଦୁ ଦେଖାଇ ଗୋଲ ସ୍କର କରିଛନ୍ତି।

ଭାରତ ମ୍ୟାଚ୍ ଆରମ୍ଭରୁ ପାକିସ୍ତାନ ଉପରେ ଚାପ ପକାଇଥିଲା। ଏଥିପାଇଁ ପ୍ରଥମ ୫ ମିନିଟରେ ଦଳକୁ ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ରେଫରାଲ ଯୋଗୁ ଗୋଟିଏ ଗୋଲରୁ ବର୍ତ୍ତି ଯାଇଥିବା ପାକିସ୍ତାନକୁ ୭ମ ମିନିଟରେ ପ୍ରଥମ ଝଟକା ଦେଇଥିଲେ ଓଡିଶାର ପୂଜା ସାହୁ। ଏହାର ଦୁଇ ମିନିଟ ପରେ ରୋଶନୀ ଦ୍ୱିତୀୟ ଗୋଲ ସ୍କର କରିଥିଲେ।



ଏହାପରେ ସତେ ଯେମିତି ଭାରତ ଗୋଲର ବନ୍ୟା କରିଥିଲା। ତନୁଶ୍ରୀ କାଡୁ ତୃତୀୟ ଗୋଲ କରିଥିବା ବେଳେ ସୁଖବୀର କୌର ପିସିକୁ ଗୋଲରେ ପରିଣତ କରିଥିଲେ। ସାନିକା ମାନେ ପ୍ରଥମ କ୍ୱାର୍ଟରର ଶେଷ ମିନିଟରେ ଗୋଲ କରି ସ୍ଥିତି ୫-୦ କରିଦେଇଥିଲେ।

ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଜୁନିୟର ମହିଳା ଟିମର ଖେଳାଳିମାନେ ପାକିସ୍ତାନର ଭାବନା ସହ ସତେ ଯେମିତି ଖେଳିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧୁ ସିଦାର ଓ ଗୀତା ଯାଦବ ସ୍କର କରିଥିଲେ। ସେମାନଙ୍କ ସହ ସାନିକା, ଅନ୍ୟତମ ଓଡିଆ ଝିଅ ତନୁଜା ଟପ୍ପ ଓ ପୂଜା ମଲିକ ଗୋଲ ଦେବାରୁ ହାଫ ଟାଇମ ସୁଦ୍ଧା ଭାରତ ୧୦-୦ରେ ଲିଡ୍ କରିଥିଲା।

ହାଫ ଟାଇମ ପରେ ମଧ ପାକିସ୍ତାନର ଭାଗ୍ୟ ବଦଳି ନଥିଲା। ଏହି କ୍ୱାର୍ଟରେ ଭାରତ ପାଇଁ ପୂର୍ଣ୍ଣିମା ଯାଦବ, ମଧୁ ଓ ସୁପ୍ରିୟା ଗୋଲ ସ୍କର କରିଥିଲେ। ଶେଷ କ୍ୱାର୍ଟରରେ ଭାରତ ସବୁଠାରୁ ଅଧିକ ୬ଟି ଗୋଲ ସ୍କର କରିଥିଲା।

କ୍ରିଷ୍ଣା ଶର୍ମା ଏହି କ୍ୱାର୍ଟରରେ ଗୋଲର ଶୁଭାରମ୍ଭ କରିଥିବା ବେଳେ ପୂଜା ୪୯ ଓ ୫୧ତମ ମିନିଟରେ ଗୋଲ କରି ନିଜର ହ୍ୟାଟ୍ରିକ ହାସଲ କରିଥିଲେ। ସୁପ୍ରିୟାଙ୍କ ଷ୍ଟିକରୁ ମଧ ପୁଣି ଗୋଟିଏ ଗୋଲ ଦେଖିବାକୁ ମିଳିଥିଲା। ବିନିମା ଧନ ଓ ରୋଶନୀ ନିଜର ଦ୍ୱିତୀୟ ଗୋଲ ଦେଇ ପାକିସ୍ତନାକୁ ହଲିଆ କରିଥିଲେ। ଶେଷରେ ଭାରତ ୧୯-୦ରେ ମ୍ୟାଚ୍‌କୁ ଜିତି ନେଇଥିଲା।

ଭାରତ ୧୯ଟି ଗୋଲ ଦେଇଥିବା ବେଳେ ୧୮ଟି ପିସି ଓ ଗୋଟିଏ ପେନାଲ୍ଟୀ ଷ୍ଟ୍ରୋକ ହାସଲ କରିଥିଲା। କିନ୍ତୁ ପୂରା ମ୍ୟାଚରେ ପାକିସ୍ତାନ ଗୋଟିଏ ବି ପିସି କିମ୍ବା ପେନାଲ୍ଟୀ ଷ୍ଟ୍ରୋକ ହାସଲ କରିପାରି ନାହିଁ। ଶନିବାର ଭାରତ ସେମି ଫାଇନାଲରେ କୋରିଆ କିମ୍ବା ମାଲେସିୟାକୁ ଭେଟିବ।

## ଆଇସିସି ଟି-୨୦ ରାଙ୍କିଂରେ ସୂର୍ଯ୍ୟବଂଶୀଙ୍କ ହେଲା କ୍ଷତି

ମୁମ୍ବାଇ, ୧୦/୯ : ବୈଭବ ସୂର୍ଯ୍ୟବଂଶୀ ବର୍ତ୍ତମାନ ଦୁଲୀପ ଟ୍ରଫି ଫାଇନାଲ ଖେଳୁଛନ୍ତି । ଯାହା ପରେ ସେ ତୁରନ୍ତ ଦିଲ୍ଲୀରେ ଭାରତୀୟ ଦଳ ସହ ଯୋଗଦେବେ । ଦିଲ୍ଲୀର ଅରଣ ଜେଟଲୀ ଷ୍ଟାଡିୟମରେ ଆଫଗାନିସ୍ତାନ ବନାମ ଭାରତ ୩ ମ୍ୟାଚର ଟି-୨୦ ସିରିଜ ହେବ । ଯାହାଙ୍କ ପ୍ରଥମ ମ୍ୟାଚ୍ ୧୩ ସେପ୍ଟମ୍ବରରେ ହେବ । ଏହା ପୂର୍ବରୁ ଆଇସିସି ନିଜ ତାଜା ରାଙ୍କିଂ ଜାରି କରିଛି । ୧୫ବର୍ଷୀୟ ବ୍ୟାଟରଙ୍କୁ ଏଥିରେ କ୍ଷତି ହୋଇଛି ।

ଆଇସିସି ଟି-୨୦ ବ୍ୟାଟର ରାଙ୍କିଂରେ ଇଶାନ କିଶନଙ୍କ ବାଦଶାହ କାୟମ ରହିଛି । ସେ ୯୧୦ ରେଟିଂ ସହ ଏହି ସ୍ଥାନ ବଜାୟ ରଖିଛନ୍ତି। ବର୍ତ୍ତମାନ ତାଙ୍କର ସ୍ଥାନ ହରାଇବାର କୌଣସି ଭୟ ନାହିଁ, କାରଣ ଦ୍ୱିତୀୟ ସ୍ଥାନରେ ଥିବା ଫରହାନଙ୍କ ୮୪୮ରେଟିଂ ପଏଣ୍ଟ ଅଛି । ଅଭିଷେକ ଶର୍ମା ୮୧୯ରେଟିଂ ସହ ତୃତୀୟ ସ୍ଥାନରେ ଅଛନ୍ତି।

ଟପ-୫ରେ ପରିବର୍ତ୍ତନ ହୋଇଛି । ଦକ୍ଷିଣ ଆଫ୍ରିକାର ଡେୱାଲ୍ଡ ବ୍ରେଭିସ ୭୮୯ରେଟିଂ ସହିତ ଗୋଟିଏ ସ୍ଥାନ ଖସି ପଞ୍ଚମକୁ ଯାଇଛନ୍ତି । ଇଂଲଣ୍ଡର ଫିଲ୍ ସଲ୍ଟ ୭୯୯ ରେଟିଂ ସହିତ ପଞ୍ଚମରୁ ଚତୁର୍ଥକୁ ଉଠିଛନ୍ତି। ଆଇସିସି ଟି-୨୦ ବ୍ୟାଟର ରାଙ୍କିଂରେ ବେଭବ ସୂର୍ଯ୍ୟବଂଶୀ ୨ ସ୍ଥାନ ଖସି ଯାଇଛନ୍ତି। ସେ ଏବେ ୪୯ତମ ସ୍ଥାନକୁ ଖସି ଯାଇଛନ୍ତି। ତଥାପି, ଏହା ତାଙ୍କ ଫର୍ମ ଯୋଗୁଁ ନୁହେଁ ବରଂ ଟିମ୍ ଇଣ୍ଡିଆ ବର୍ତ୍ତମାନ ଟି-୨୦ ମ୍ୟାଚ୍ ଖେଳୁ ନ ଥିବାରୁ। ସମ୍ପୂର୍ଣ୍ଣ ଭରସା ଅଛି କି ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ଟି-୨୦ ସିରିଜ ପରେ ବେଭବ ରାଙ୍କିଂରେ ଏକ ଲମ୍ଫ ମାରିବେ ।

୧୫ବର୍ଷୀୟ ବୈଭବ ଏହି ବର୍ଷ ଆରମ୍ଭରେ ଇଂଲଣ୍ଡ ବିପକ୍ଷରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ, କିନ୍ତୁ ସେହି ଗସ୍ତରେ ତାଙ୍କର ଫର୍ମ ଖରାପ ଥିଲା। ସେ ଜିମ୍ବାୱେରେ ଭଲ ପ୍ରଦର୍ଶନ କରିଥିଲେ, ଏବଂ ଏବେ ସେ ଭାରତରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ପ୍ରସ୍ତୁତ ଅଛନ୍ତି।

## ଦୁଲୀପ ଟ୍ରଫି ଜିତିଲା ପୂର୍ବାଞ୍ଚଳ

ନୂଆଦିଲ୍ଲୀ, ୧୦।୯: ଦୀର୍ଘ ୧୩ ବର୍ଷର ଅପେକ୍ଷାରେ ପଡିଛି ପୂର୍ଣ୍ଣଚ୍ଛେଦ। ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ନୂଆ ଇତିହାସ ରଚିଛି ଇଷ୍ଟ ଜୋନ। ଇଶାନ କିଶନ ଓ ବୈଭବ ସୂର୍ଯ୍ୟବଂଶୀଙ୍କ ଯୋଡି ଇଷ୍ଟ ଜୋନ ପାଇଁ ୧୩ ବର୍ଷ ପରେ ଜିତିଛନ୍ତି ଦୁଲୀପ ଟ୍ରଫି।

୨୦୧୨-୧୩ରେ ଇଷ୍ଟ ଜୋନ ଶେଷ ଥର ଚାମ୍ପିୟନ ହୋଇଥିଲା। ଏବେ ଦଳ ସାଉଥ ଜୋନ ବିପକ୍ଷରେ ଏକତରଫା ପ୍ରଦର୍ଶନ ସହ ଟ୍ରଫି କରାୟତ କରିଛି। ୫ ଦିନ ଧରି ଇଷ୍ଟ ଜୋନ ନିଜର ଦବଦବା ଦେଖାଇ ତିଳକ ବର୍ମାଙ୍କ ସାଉଥ ଜୋନକୁ ହରାଇବାକୁ ସକ୍ଷମ ହୋଇଛି।

ଫାଇନାଲ ମ୍ୟାଚ୍‌ର ପ୍ରଥମ ଇନିଂସରେ ଇଶାନ କିଶନ ୨୭୦ ରନ ଓ ଦ୍ୱିତୀୟ ଇନିଂସରେ ୮୦ ରନ କରିଥିଲେ। ଏଥିପାଇଁ ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ସେହିପରି ତିଳକ ବର୍ମା ଦୁଲୀପ ଟ୍ରଫି ୨୦୨୬ ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳି ହୋଇଛନ୍ତି।

ଇଷ୍ଟ ଜୋନ ପାଇଁ ଅଧିନାୟକ ଇଶାନ ଟ୍ରଫି ଉଠାଇବା ପରେ ଚିଦାମ୍ବରମ ଷ୍ଟାଡିୟମରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଇଶାନଙ୍କ ସହ ତାଳ ଦେଇ ଉପ ଅଧିନାୟକ ବୈଭବ ସୂର୍ଯ୍ୟବଂଶୀ ମଧ ଭାଙ୍ଗଡା କରିଥିଲେ। ଇଷ୍ଟ ଜୋନ ଟିମରେ ଓଡିଶାର ଶୁଭ୍ରାଂଶୁ ସେନାପତି ରହିଥିଲେ ହେଁ ପୂରା ଟୁର୍ଣ୍ଣାମେଣ୍ଟରେ ସେ ଖେଳିବାକୁ ସୁଯୋଗ ପାଇ ନାହାନ୍ତି। ଫାଇନାଲରେ ପ୍ରଥମେ ବ୍ୟାଟିଂ କରୁଥିବା ଇଷ୍ଟ ଜୋନ ଇଶାନଙ୍କ ୨୭୦ ଓ କୁମାର କୁଶାଗ୍ରଙ୍କ ୧୦୧ ରନ ବଳରେ ବିଶାଳ ୭୦୮ ରନ କରିଥିଲା। ଦଳ ପୂରା ଦୁଇ ଦିନ ବ୍ୟାଟିଂ କରିଥିଲା। ଏହାର ଜବାବରେ ସାଉଥ ଜୋନ ପାଇଁ ଅଧିନାୟକ ତିଳକ ବର୍ମା ଲଇ କରି



୯୯ ରନ କରିଥିଲେ। ହେଲେ ଦଳ ପ୍ରଥମ ଇନିଂସରେ କେବଳ ୩୩୬ ରନ କରିପାରିଥିଲା। ଇଷ୍ଟ ଜୋନ ପାଇଁ ମହମ୍ମଦ ଶାମି ୨, ମୁକେଶ କୁମାର ୩ଟି ଓ ମହମ୍ମଦ କୁନୈନ କୁରେଶୀ ୨ଟି ୱିକେଟ ନେଇଥିଲେ।

ପ୍ରଥମ ଇନିଂସରେ ଇଷ୍ଟ ଜୋନ ୩୭୨ ରନର ଲିଡ୍ ପାଇଥିଲେ ହେଁ ଫଲୋଅନ ନ ଦେଇ ପୁଣି ବ୍ୟାଟିଂ କରିଥିଲା। ଇଶାନ କିଶନ ପୁଣି ୮୦ ରନ କରିଥିଲେ। କୁରେଶୀ ନିଜ କ୍ୟାରିୟରର ପ୍ରଥମ ଶତକ ମଧ ହାସଲ କରିଥିଲେ। ଦଳୀୟ ସ୍କର ଦ୍ୱିତୀୟ ଇନିଂସରେ ୩୮୮/୭ ଥିବା ବେଳେ ପାଳି ଘୋଷାଣା କରିଥିଲା ଇଷ୍ଟ ଜୋନ। ଏହି ସମୟରେ ଲିଡ୍ ୭୬୦ ଛୁଇଁଥିଲା। ଆଜି ଅନ୍ତିମ ଦିନ ଏତା ରନ କରିବା ସାଉଥ ଜୋନ ପକ୍ଷରେ ସମ୍ଭବ ନଥିଲା। ତେଣୁ ଦୁଇ ଦଳର ଅଧିନାୟକ ଇଶାନ ଓ ତଳିକ ହାତ ମିଳାଇଥିଲା। ଶେଷରେ ମ୍ୟାଚ୍ ଡ୍ରରେ ସରିଥିଲା। କିନ୍ତୁ ପ୍ରଥମ ଇନିଂସ ଅଗ୍ରଣୀ ଆଧାରରେ ଇଷ୍ଟ ଜୋନକୁ ୨୦୨୬ ଦୁଲୀପ ଟ୍ରଫିର ବିଜେତା ଘୋଷଣା କରାଯାଇଛି।

ଫାଇନାଲ ମ୍ୟାଚ୍ ସାଉଥ ଜୋନ ବୋଲରଙ୍କ ପାଇଁ ବେଶ ସଂଘର୍ଷମୟ ଥିଲା। କାରଣ ଦଳର ବୋଲରମାନେ ପ୍ରଥମ ଇନିଂସରେ ୧୬୩ ଓଭର ବୋଲିଂ କରିଥିଲେ। ସେହିପରି ଦ୍ୱିତୀୟ ଇନିଂସରେ ସେମାନଙ୍କୁ ୯୯.୨ ଓଭର ବୋଲିଂ କରିବାକୁ ପଡିଥିଲା। ଦ୍ୱିତୀୟ ଇନିଂସରେ ସାଉଥ ଜୋନର ମହମ୍ମଦ ସିରାଜ ଲମ୍ବାଲମ୍ବା ସ୍ପେଲ ପକାଇଥିଲେ ହେଁ ଅନ୍ୟ ପାର୍ଶ୍ୱରେ ତାଙ୍କୁ କୌଣସି ସହଯୋଗ ମିଳି ନଥିଲା।

ଇଷ୍ଟ ଜୋନର ବିସ୍ମୟ ବାଳକ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ଆଜିର ଦିନ ବେଶ ସ୍ମରଣୀୟ ହୋଇଛି। ସେ ଫାଇନାଲ ମ୍ୟାଚ୍‌ରେ ୪୨ ଓ ୮ ରନ କରିଥିଲେ ଉପ ଅଧିନାୟକ ଭାବେ ପ୍ରଥମଥର ଦୁଲୀପ ଟ୍ରଫି ଉଠାଇଛନ୍ତି। ଫାଇନାଲରେ ଫେଲ ମାରିଥିବା ସୂର୍ଯ୍ୟବଂଶୀ ସେମି ଫାଇନାଲରେ ଦମ ଦେଖାଇଥିଲେ।

ସେ ସେଣ୍ଟ୍ରାଲ ଜୋନ ବିପକ୍ଷ ବେଙ୍ଗାଲୁରୁ ମ୍ୟାଚ୍‌ରେ ଦମଦାର ଇନିଂସ ଖେଳି ଇଷ୍ଟ ଜୋନକୁ ଫାଇନାଲ ଟିକେଟ ଦେଇଥିଲେ। ଫାଇନାଲରେ ଅଧିନାୟକ ଇଶାନ କିଶନଙ୍କ ଠାରୁ ଆରମ୍ଭ କରି କୁମାର କୁଶାଗ୍ର, କୁରେଶୀ ନିଜର ଦମ ଦେଖାଇଥିଲେ। ବୋଲରମାନେ ମଧ ଦଳକୁ ନିରାଶ କରି ନଥିଲେ। ପୂରା ଟିମର ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଯୋଗୁ ଇଷ୍ଟ ଜୋନ ୧୩ ବର୍ଷ ପରେ ଟ୍ରଫି ଉଠାଇଛି।

### ବିଶ୍ୱ ପାରା ତୀରନ୍ଦାଜି

## ୧୫ ପଦକ ସହ ଭାରତ ଦ୍ୱିତୀୟ

ନୂଆଦିଲ୍ଲୀ:ବିଶ୍ୱତୀରନ୍ଦାଜି ପାରା ସିରିଜ୍ ଷ୍ଟେଜ୍-୩ରେ ଆୟୋଜକ ଭାରତ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୮ କାଂସ୍ୟ ସହ ମୋଟ ୧୫ ପଦକ ଜିତି ଦ୍ୱିତୀୟ ସ୍ଥାନରେ ଅଭିଯାନ ଶେଷ କରିଛି। ଚେକ୍ ଗଣରାଜ୍ୟ ୫ ସ୍ୱର୍ଣ୍ଣ ସହ ପଦକ ତାଲିକାରେ ଶୀର୍ଷରେ ରହିଥିଲା ବେଳେ ଚୀନ୍ ୨ ସ୍ୱର୍ଣ୍ଣ, ୬ ରେପ୍ୟ ଓ ୫ କାଂସ୍ୟ ସହ ତୃତୀୟ ସ୍ଥାନରେ ରହିଛି। ଶେଷ




ଦିନରେ ପାରାଲିମ୍ପିକ୍ ବିଜେତା ହରବିନ୍ଦର ସିଂହ ଓ ବିଜୟ ସୁନ୍ଦି ରିକର୍ଭ ପୁରୁଷ ଯୁଗଳରେ ସ୍ୱର୍ଣ୍ଣ ଜିତିଥିଲେ। ଏହା ପୂର୍ବରୁ ଭାବନାଙ୍କ ସହ ମିଶ୍ରିତ ଯୁଗଳରେ ହରବିନ୍ଦର ସ୍ୱର୍ଣ୍ଣ ଜିତିଥିଲେ। ପୁରୁଷ ଯୁଗଳ କମ୍ପାଉଣ୍ଡରେ ଶ୍ୟାମସୁନ୍ଦର ସ୍ୱାମୀ ଓ ତୋମାନ କୁମାର ଭାରତକୁ ତୃତୀୟ ସ୍ୱର୍ଣ୍ଣ ଭେଟି ଦେଇଥିଲେ। ଏହାପୂର୍ବରୁ ବିଶ୍ୱ ବିଜୟିନୀ ତଥା ପ୍ୟାରିସ୍ ଅଲିମ୍ପିକ୍ କାଂସ୍ୟ ବିଜୟିନୀ ଶୀତଲ ଦେବୀ ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ବର୍ଗରେ ମୁକୁଟ କରାୟତ୍ତ କରିଥିଲେ। ସରିତା ଏହି ଇଭେଣ୍ଟରେ କାଂସ୍ୟ ପାଇଥିଲେ। ଭାବନା ଓ ପୂଜା ପାରା ରିକର୍ଭ ମହିଳା ଯୁଗଳରେ, ତନ୍‌ଭୀ ଇନ୍‌ଗାଲେ ଦୃଷ୍ଟିବାଧିତରେ ଏବଂ ସ୍ୱାତୀ ଚେଧୁରୀ ଓ ଆଦିଲ ମହମ୍ମଦ ନାଜିର ଅନ୍‌ସାରି ଡବ୍‌ଲ୍ୟୁ୧ ମିଶ୍ରିତ ଦଳଗତରେ ଭାରତ ପାଇଁ ରେପ୍ୟ ଜିତିଥିଲେ। ମହିଳା ବ୍ୟକ୍ତିଗତ ବର୍ଗରେ ଯୁଗଳ ଗର୍ଗ (ଦୃଷ୍ଟିବାଧିତ), ସ୍ୱାତୀ (ଡବ୍‌ଲ୍ୟୁ୧) କାଂସ୍ୟ ପାଇଥିଲେ। ଶୀତଲ ଓ ବିଶ୍ୱ ବିଜେତା ତୋମାନ କୁମାର ପାରା କମ୍ପାଉଣ୍ଡ ମିଶ୍ରିତ ଦଳଗତରେ କାଂସ୍ୟ ଜିତିଥିଲେ। ବ୍ୟକ୍ତିଗତ ପାରା ପୁରୁଷ କମ୍ପାଉଣ୍ଡରେ ତୋମାନ ଏବଂ ମହିଳା ରିକର୍ଭରେ ଭାବନା କାଂସ୍ୟ ପଇଥିଲେ। ସ୍ୱାତୀ ଡବ୍‌ଲ୍ୟୁ୧ ମହିଳା ଯୁଗଳରେ ବସୁନ୍ଧରା ତେଓତିଆଙ୍କ ସହ କାଂସ୍ୟ ଜିତି ନିଜ ପଦକ ସଂଖ୍ୟା ୨ରେ ପହଞ୍ଚାଇଥିଲେ। ଡବ୍‌ଲ୍ୟୁ୧ ପୁରୁଷ ଯୁଗଳରେ ଆଦିଲ ଓ ବିନାୟକ ବ୍ରିଜ୍ କାଂସ୍ୟ ପଦକ ଜିତିଥିଲେ। ଆସନ୍ତା ମାସ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଆଇଚି-ନାଗୋୟା ଏସୀୟ କ୍ରୀଡା ପୂର୍ବରୁ ଏହି ସଫଳତା ଭାରତର ମନୋବଳକୁ ଦୃ କରିଛି।

## ମୁହଁ ଖୋଲିଲେ ରୋହିତ

ନୂଆଦିଲ୍ଲୀ, ୧୦।୯: ୨୦୨୭ ଦିନିକିଆ ବିଶ୍ୱକପରେ ଖେଳିବା ସମ୍ପର୍କରେ ପଚରାଯିବାରୁ ରୋହିତ ଶର୍ମା ସ୍ପଷ୍ଟ ଭାବେ କହିଥିଲେ ଯେ ଏ ବିଷୟରେ ମତାମତ ଦେବା ପାଇଁ ଏହା ବହୁତ ଶୀଘ୍ର ହେବ। ଯଦିଓ ସେ ନିଜ ଅଂଶଗ୍ରହଣ ନେଇ ସମ୍ଭାବନାକୁ ଖୋଲା ରଖିଛନ୍ତି, ତଥାପି ବର୍ତ୍ତମାନ ସୁଦ୍ଧା କିଛି ବି ନିଶ୍ଚିତ ନୁହେଁ। ଇଂଲଣ୍ଡ ଗସ୍ତ ସମୟରେ ଏଭଳି ଖବର ସାମ୍ନାକୁ ଆସିଥିଲା ଯେ ଜଣେ ଅଧିକାରୀ ତାଙ୍କୁ ଜଣାଇଥିଲେ ଯେ ସେ ବିଶ୍ୱକପ ଯୋଜନାର ଅଂଶ ନୁହଁନ୍ତି; ତେବେ ବିସିସିଆଇ ଏଭଳି ଖବରକୁ ଖଣ୍ଡନ କରିଥିଲା।

'ଗ୍ଲୋବାଲ ଫିନଟେକ ଫେଷ୍ଟ' ସମୟରେ, ଜଣେ ଦର୍ଶକ ରୋହିତ ଶର୍ମାଙ୍କୁ ପଚାରିଥିଲେ ଯେ ସେ ୨୦୨୭ ଦିନିକିଆ ବିଶ୍ୱକପ ଖେଳିବେ କି ନାହିଁ। ଏହାର ଉତ୍ତରରେ ରୋହିତ କହିଥିଲେ, '୨୦୨୭ ଅକ୍ଟୋବର ପର୍ଯ୍ୟନ୍ତ ଏବେ ବି ବହୁତ ସମୟ ବାକି ଅଛି; ଏହା ଏକ ଦୀର୍ଘ ସମୟର କଥା। ସମୟ ଆସିଲେ ଆମେ ଏହା ଉପରେ ବିଚାର କରିବୁ।' ଭାରତୀୟ ଦଳର ପୂର୍ବତନ ଅଧିନାୟକଙ୍କ ଏହି ମନ୍ତବ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ। ଇଂଲଣ୍ଡ ଗସ୍ତ ସମୟରେ ଏଭଳି ଚର୍ଚ୍ଚା ହେଉଥିଲା ଯେ ସେ 'ଲର୍ଡସ' ଠାରେ ନିଜର ଶେଷ ଦିନିକିଆ ମ୍ୟାଚ ଖେଳିପାରନ୍ତି; କିନ୍ତୁ ସେହି ମ୍ୟାଚରେ ଶତକ ହାସଲ କରି ସେ ପ୍ରମାଣିତ କରିଦେଇଥିଲେ ଯେ ସେ ଏବେ ମଧ କ'ଣ ସବୁ ହାସଲ କରିବାର କ୍ଷମତା ରଖନ୍ତି। ୨୦୨୭ ବିଶ୍ୱକପ ଆୟୋଜିତ ହେବା ବେଳକୁ ରୋହିତ ଶର୍ମାଙ୍କ ବୟସ ୪୦ ବର୍ଷ ହୋଇଯିବ। ସେ ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି ଏବଂ ବର୍ତ୍ତମାନ କେବଳ ଭାରତ ପାଇଁ ଦିନିକିଆ ଫର୍ମାଟରେ ଖେଳୁଛନ୍ତି। ଏହି ଫର୍ମାଟରେ ମଧ, ଦଳରେ ତାଙ୍କ ସ୍ଥାନକୁ ନେଇ ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ପ୍ରଶ୍ନ ଉଠିଛି ଏବଂ ଖବର ଅନୁଯାୟୀ, ବିଶ୍ୱକପ ପୂର୍ବରୁ ଚୟନକର୍ତ୍ତାମାନେ ରୋହିତଙ୍କ ବିନା ଆଗକୁ ବଢ଼ିବା ବିଷୟରେ ବିଚାର କରିପାରନ୍ତି। ତଥାପି, ଏକ ସମୀକ୍ଷା ବୈଠକ ପରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ରୋହିତ ଶର୍ମାଙ୍କ ପ୍ରଶଂସା କରିଥିଲେ ଏବଂ ଏହି ଖବରଗୁଡ଼ିକୁ କେବଳ ଗୁଜବ ବୋଲି କହି ଖଣ୍ଡନ କରିଥିଲେ। ସେ କହିଥିଲେ, 'ସେ ଚମତ୍କାର ଖେଳୁଛନ୍ତି। ସେ ଗତ ମ୍ୟାଚରେ ୧୩୦ ରନ ସଂଗ୍ରହ କରିଥିଲେ। ଆଉ କ'ଣ ଦରକାର କାହିଁକି ଏଭଳି ଚର୍ଚ୍ଚା ହେଉଛି ମୁଁ ଏଭଳି ଚର୍ଚ୍ଚାକୁ ଆଉ ବଢ଼ାଇବାକୁ ଚାହେଁ ନାହିଁ।'

## ଲଣ୍ଡନ ରାସ୍ତାରେ ବିରୁଷ୍କା

ନୂଆଦିଲ୍ଲୀ: ପୁଣି କ୍ୟାମେରାରେ କଏଦ ହେଲେ ବିରୁଷ୍କା । ମଙ୍ଗଳବାର ସକାଳେ ଉଭୟଙ୍କୁ ଲଣ୍ଡନର ରାସ୍ତାରେ ଏକାଠି ନଜର ଆସିଛନ୍ତି। ସୋସିଆଲ ମିଡିଆରେ ଏହି ପାୱାର କପଲଙ୍କର କିଛି ନୂଆ ଫଟୋ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ପ୍ରଶଂସକଙ୍କ ମଧରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ତେବେ ସେମାନେ ପୁଅ ଅକାୟଙ୍କ ନର୍ସରୀ ସ୍କୁଲ ଆଗରେ ନଜର ଆସିଛନ୍ତି । ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ୟୁଜର୍ସମାନେ ବିଭିନ୍ନ କମେଣ୍ଟମାନ ଦେଉଥିବା ଦେଖିବାକୁ ମିଳିଛି । ବିରାଟ ଓ ଅନୁଷ୍କାଙ୍କୁ ସେମାନଙ୍କ ପୁଅ ଅକାୟଙ୍କ ଡେ-ନର୍ସରୀ ବାହାରେ ଦେଖାଯାଇଥିଲେ । ଉଭୟ ଫୁଟପାଥରେ ଠିଆ ହୋଇ ରହିଥିବା ବେଳେ କ୍ୟାମେରାରେ କଏଦ ହୋଇଛନ୍ତି । ଏହି ସମୟରେ ବିରାଟ କୋହଲି ବେଶ୍ କ୍ୟାଜୁଆଲ୍ ଲୁକରେ ନଜର ଆସିଛନ୍ତି । ସେ ସବୁଜ ରଙ୍ଗର ସ୍ୱେଟସର୍ଟ ଓ ଜିନ୍ସ ପିନ୍ଧିଥିବା ବେଳେ ତାଙ୍କ ହାତରେ ଏକ ଶିଶୁ ପ୍ରାମ୍ ଧରିଥିବାର ଦେଖାଯାଇଥିଲା । ତେବେ ଫଟୋରେ ପୁଅ ଅକାୟ ନଜର ଆସିନଥିଲେ ।

## ହର୍ଷିତଙ୍କ ବଦଳ ଖେଳାଳି ଘୋଷଣା

ନୂଆଦିଲ୍ଲୀ: ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଏବଂ ଆଗାମୀ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଏକ ବଡ଼ ପରିବର୍ତ୍ତନ ଘୋଷଣା କରିଛି। ଆହତ ସମସ୍ୟା କାରଣରୁ ଦ୍ରୁତ ବୋଲର ହର୍ଷିତ ରାଣା ଦଳରୁ ବାଦ ପଡ଼ିଥିବାବେଳେ ତାଙ୍କ ସ୍ଥାନରେ ଯୁବ ଦ୍ରୁତ ବୋଲର ଯଶ ଠାକୁରଙ୍କୁ ସାମିଲ କରାଯାଇଛି।

ପୂର୍ବରୁ ଆଫଗାନିସ୍ତାନ ସିରିଜ୍ ଜରିଆରେ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥାନ୍ତେ ହର୍ଷିତ ରଣା। କିନ୍ତୁ ରିହ୍ୟାବ୍ ସମୟରେ ସେ ପୁଣିଥରେ ଆହତ ହୋଇଯିବାରୁ ସେ ଏହି ସିରିଜ୍ ଏବଂ ଏସୀୟ କ୍ରୀଡ଼ା ଉଭୟରୁ ବାଦ ପଡ଼ିଛନ୍ତି। ବିସିସିଆଇ



ପକ୍ଷରୁ ଜାରି କରାଯାଇଥିବା ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଗତ ସେପ୍ଟେମ୍ବର ୭ ତାରିଖରେ ଏକ ମ୍ୟାଚ୍ ବେଳେ ବୋଲିଂ କରୁଥିବା ସମୟରେ ତାଙ୍କର ମାଂସପେଶୀରେ ଟାଣ ଆସିଯାଇଥିଲା।ବିଦର୍ଭ ପାଇଁ ଘରୋଇ କ୍ରିକେଟ୍ ଖେଳୁଥିବା ୨୭ ବର୍ଷୀୟ ଯଶ ଠାକୁର ଗତ ଆଇପିଏଲ୍ ସଂସ୍କରଣରେ ପଞ୍ଜାବ କିଙ୍ଗ୍ସ ଦଳର ପ୍ରତିନିଧିତ୍ୱ କରିଥିଲେ। ସେ ଜୁଲାଇ ମାସରେ ଜିମ୍ବାୱେ ଗସ୍ତ ସମୟରେ ଭାରତ ପାଇଁ ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଏବଂ ୨ ମ୍ୟାଚ୍‌ରୁ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାବ୍ୟତୀତ ସେ ସୈୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୫୦ଟି ମ୍ୟାଚ୍ ଖେଳି ୭.୦୪ ର ମିକାୟେଲ ଇକୋନମି ରେଟ୍‌ରେ ମୋଟ ୮୧ଟି ୱିକେଟ୍ ହାସଲ କରିଛନ୍ତି। ଦଳ ଘୋଷଣା ସମୟରେ ବିସିସିଆଇ ହର୍ଷିତ ରାଣାଙ୍କ ସମେତ ୪ ଜଣ ଖେଳାଳିଙ୍କୁ 'ଫିଟନେସ୍ ସର୍ତ୍ତ' ଅଧୀନରେ ରଖିଥିଲା। ହର୍ଷିତ ବାଦ ପଡ଼ିଥିବାବେଳେ ଭାରତୀୟ ତାରକା ବୋଲର ଯଶପ୍ରୀତ ବୁମ୍ରା, ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଏବଂ ୱାଶିଂଟନ୍ ସୁନ୍ଦର ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,